## ୧୦୦ରୁ ଉର୍ଦ୍ଧ୍ୱ ଅଳଙ୍କାର ଗଣତି

**ପୁରୀ,(ଅଜିତ୍ କୁମାର ମହାନ୍ତି):** ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଭିତର ରତ୍ନଭଣ୍ଡାରର ଅଳଙ୍କାର ଗଣତି କାର୍ଯ୍ୟ ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟର ଗଣତି କାର୍ଯ୍ୟ ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଛି।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜଷ୍ଟିସ ବିଶ୍ୱନାଥ ରଥ ଓ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର କହିଛନ୍ତି, ଭିତର ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାର ମଧ୍ୟରୁ ୧୦୦ରୁ ଉର୍ଦ୍ଧ୍ୱ ଅଳଙ୍କାର ଗଣତି କାର୍ଯ୍ୟ ଶେଷ ହୋଇଛି।

# ଶ୍ୟାମପୁରରେ ବଡ଼ ଜବରଦଖଲ ଉଚ୍ଛେଦ ଆରମ୍ଭ

## ୬୮ ଏକର ସରକାରୀ ଜମିରେ ରହିଛି ଜବରଦଖଲ

- ପ୍ରଥମ ଦିନରେ ଭାଙ୍ଗିଲା ୧୮୭ ଘର, ମୁକ୍ତ ହେଲା ୮ ଏକର
- ଉଚ୍ଛେଦ ବେଳେ ୭୨ଟି ଗ୍ୟାସ୍ ସିଲିଣ୍ଡର ଜବତ


ଜେସିବି ସହାୟତାରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଭୁବନେଶ୍ୱର, ୧୭।୪ (ବନ୍ଦନା ସେଠୀ)

ଭୁବନେଶ୍ୱର ଉପକଣ୍ଠ ଭରତପୁର ଥାନା ଅନ୍ତର୍ଗତ ଶ୍ୟାମପୁର ମୌଜାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ବଡ଼ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଏଠାରେ ଜବରଦଖଲ ହୋଇଥିବା ପ୍ରାୟ ୬୮ଏକର ଜମିରୁ ଶୁକ୍ରବାର ଉଚ୍ଛେଦ ଆରମ୍ଭ ବେଳେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ବର୍ଷବର୍ଷ ଧରି ପରିବାର ସହ ବସବାସ କରୁଛୁ, ହଠାତ୍ ଘର ଭାଙ୍ଗିଦେଲେ କୁଆଡେ ଯିବୁ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିବା ସହିତ ଉଚ୍ଛେଦକୁ ବିରୋଧ କରିଥିଲେ। ଏଥିସହ ନୂଆକରି ଘର କରୁଥିବା ଲୋକେ ମଧ୍ୟ ବିରୋଧରେ ସାମିଲ ହୋଇଥିଲେ। ଜୋର୍‌ଦାର ବିରୋଧ ସତ୍ତ୍ୱେ ପୋଲିସ ଉପସ୍ଥିତିରେ ବିଡିଏର ଏନ୍‌ଫୋର୍ସ ଟିମ୍ ଉଚ୍ଛେଦ କରିଥିଲା। ପ୍ରଥମ ଦିନରେ ଅନାବାଦି ଖାତା ନମ୍ବର ୨୪୫ ଏବଂ ୨୪୬ ଅଧୀନରେ ଥିବା ପ୍ଲଟ ନଂ. ୨୧୧, ୩୧୨, ୬୯୨, ୬୯୧, ୨୭୭, ୨୫୯, ୨୮୯, ୨୮୭, ୨୮୬, ୬୮୮, ୬୮୯, ୩୩୯, ୨୭୬, ୨୭୯, ୨୮୦ ଏବଂ ୩୪୦ ଉପରେ ଥିବା ମୋଟ ୧୮୭ଟି ଘର ଉଚ୍ଛେଦ କରାଯାଇଛି। ଏଥିମଧ୍ୟରେ ୩୧ଟି ନିର୍ମାଣଧୀନ ଘର ରହିଛି। ପ୍ରାୟ ୮ଏକର ଜମି ଜବଦଖଲମୁକ୍ତ ହୋଇଛି। ଉଚ୍ଛେଦରେ ବିଡିଏର ୫ଟି ଓ ବିଏମ୍‌ସି ପକ୍ଷରୁ ଗୋଟିଏ ଜେସିବି ମିଶାଇ ମୋଟ ୧୦ରୁ ଅଧିକ ଜେସିବି ନିୟୋଜିତ ହୋଇଥିବା ବେଳେ ବିଡିଏର ୧୫୦ ଜଣିଆ ଉଚ୍ଛେଦକାରୀ ଦଳ ସାମିଲ ହୋଇଛି। ଅପରପକ୍ଷେ ୧୩ ଏକର ଜମିରେ ଷ୍ଟେ ଅର୍ଡର ରହିଥିବାରୁ ଏହାକୁ ବାଦ୍‌ଦେଇ ବାକି ସମସ୍ତ ଅଞ୍ଚଳରୁ ଜବରଦଖଲ ହଟାଯିବ ବୋଲି ବିଡିଏ ଅଧିକାରୀ ସୂଚନା ଦେଇଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଏହି ଜବରଦଖଲରେ ଥିବା ଜମି ଉପରେ ଛିଡା ହୋଇଥିବା ଏକ ଘରୁ ବେଆଇନ ଭାବେ ଗଚ୍ଛିତ ୭୨ଟି ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ସେଥିମଧ୍ୟରୁ ୨୧ଟି ୫କେଜିଆ ସିଲିଣ୍ଡର ରହିଛି। ଉଚ୍ଛେଦକାରୀ ଦଳ ଏହି ସିଲିଣ୍ଡରଗୁଡ଼ିକୁ ଜବତ କରି ଜିଲା ଯୋଗାଣ ବିଭାଗକୁ ହସ୍ତାନ୍ତର କରିଛି। ତେବେ ୩ଦିନ ଧରି ଏହି ଜବରଦଖଲ ଉଚ୍ଛେଦ ଚାଲିବ ଓ ପୁନର୍ବାର ଯେପରି ଏଠାରେ ଜବରଦଖଲ ନ ହେବ ସେଥିପ୍ରତି ବିଡିଏ ଅଧିକାରୀ ଯୋଜନା ପ୍ରସ୍ତୁତ କରିଛନ୍ତି। ଉଚ୍ଛେଦ ପ୍ରକ୍ରିୟା ସରିବା ପରେ ଆଫର୍ଡେବଲ ହାଉସିଂ ପ୍ରକଳ୍ପ ଆରମ୍ଭ ହେବ ବୋଲି ଆଶା କରାଯାଇଛି। ଉଚ୍ଛେଦ ସମୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ମୁକାବିଲା କରିବା ପାଇଁ ୧୦ ପ୍ଲାଟୁନ୍ ପୋଲିସ ଫୋର୍ସ ଏବଂ ୫୦ଜଣ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଥିଲା। ଏଥିସହ ବିଡିଏ ଏନ୍‌ଫୋର୍ସମେଣ୍ଟ ଯୁଗ୍ମ କମିଶନର ରଞ୍ଜନ କୁମାର ଜେନା, ଭୁବନେଶ୍ୱର ଆଇନ ଶୃଙ୍ଖଳା ଡିସିପି ପ୍ରକାଶ ଚନ୍ଦ୍ର ପାଲ, ଅତିରିକ୍ତ ଡିସିପି ସୁବ୍ରତ କୁମାର ଏବଂ ସୁନାରାମ ହେମ୍ବ୍ରମ, ଜିଏ ଏବଂ ପିଜି ବିଭାଗ ଉପନିର୍ଦ୍ଦେଶକ (ସର୍ଭେ ଏବଂ ପ୍ରବର୍ତ୍ତନ) ଅମୀୟ କୁମାର ଦାସ, ବିଡିଏ ଲୋକ ସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ବିଡିଏ ଜୁନିଅର ପ୍ରବର୍ତ୍ତନ ଅଧିକାରୀ ସିଦ୍ଧାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜବତ ଗ୍ୟାସ ସିଲିଣ୍ଡର

### ବିଡିଏ ଜଗାଇଥିଲା ସୁରକ୍ଷାକର୍ମୀ, ପ୍ଲଟିଂ କରି ବିକ୍ରି କରୁଥିଲେ ଜବରଦଖଲକାରୀ

ଶ୍ୟାମପୁରରେ ଥିବା ବହୁ ଏକର ସରକାରୀ ଜମିକୁ ସ୍ଥାନୀୟ କିଛି ଅସାଧୁ ଲୋକ ଜବରଦଖଲ କରିବା ପରେ ବାହାର ଲୋକଙ୍କୁ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏପରି କି ଜବରଦଖଲରେ ଗଢ଼ି ଉଠିଥିବା ଘରେ ଆପରାଧିକ କାର୍ଯ୍ୟ ଚାଲୁଥିବା ମଧ୍ୟ ଶୁଣିବାକୁ ମିଳୁଥିଲା। ବର୍ଷ ବର୍ଷ ଧରି ଏପରି ବେଆଇନ କାରବାର ଚାଲିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ତେବେ ପରବର୍ତ୍ତୀ ସମୟରେ ଏଠାରେ ଥିବା ୬୮.୪୪୫ ଏକର ସରକାରୀ ଜମିକୁ ଆଫର୍ଡେବଲ ହାଉସିଂ ପ୍ରକଳ୍ପ ପାଇଁ ସାଧାରଣ ପ୍ରଶାସନ ବିଭାଗ ବିଡିଏକୁ ହସ୍ତାନ୍ତର କରିଥିଲା। ଏହାପରେ ୨୦୨୪ରୁ ସେଠାରୁ ଜବରଦଖଲ ହଟାଇବା ଲାଗି ବିଡିଏ ଚେଷ୍ଟା କରିଥିଲା। ଉକ୍ତବର୍ଷ ଫେବୃଆରୀରେ ସମ୍ପୃକ୍ତ ଅଞ୍ଚଳରୁ ଆଂଶିକ ଉଚ୍ଛେଦ କରି ତାହା ସରକାରୀ ସମ୍ପତ୍ତି ବୋଲି ବିଡିଏ ବୋର୍ଡ ମାରି ଫେରିଥିଲା। ଏପରିକି ପୁନର୍ବାର ଜବରଦଖଲ ନ ହେବା ପାଇଁ ୨ଜଣ ସୁରକ୍ଷା କର୍ମୀଙ୍କୁ ଜଗାଇଥିଲା। ମାତ୍ର ଜବରଦଖଲକାରୀମାନେ ସୁରକ୍ଷାକର୍ମୀଙ୍କୁ ଅଣଦେଖା କରିବା ସହ ଧୀରେ ଧୀରେ ବହୁ ଅଞ୍ଚଳରେ କବ୍‌ଜା କରି ଘର ନିର୍ମାଣ କରିବା ସହ ପ୍ଲଟିଂ କରି ଲକ୍ଷେ, ଦୁଇ ଲକ୍ଷେ ଟଙ୍କା ଲେଖାଏ ନେଇ ବାହାର ଲୋକଙ୍କୁ ବିକ୍ରି କରି ଚାଲିଥିଲେ। ଏବେ ଉଚ୍ଛେଦ ଆରମ୍ଭ ହେବା ପରେ ସରକାରୀ ଜାଗାକୁ ବେଆଇନ ଭାବେ କିଣିଥିବା ଲୋକେ ଏବେ ଚିନ୍ତାରେ ପଡ଼ିଛନ୍ତି।

## ସମକ୍ଷ ନୃତ୍ୟ, ସଙ୍ଗୀତ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୭।୪ (ସୌମ୍ୟରଞ୍ଜନ ରାଉତ)

ସଞ୍ଚାରୀ ଟ୍ରଷ୍ଟ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ତୃତୀୟ ସମକ୍ଷ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅତିଥିଭାବେ ଓଡ଼ିଶୀ ନୃତ୍ୟଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ସିକତା ଦାସ, ଗୁରୁ ମଧୁସ୍ମିତା ମହାନ୍ତି, ଗୁରୁ ପିତାମ୍ବର ବିଶ୍ୱାଳ ଏବଂ ଗୁରୁ ଯୁଧିଷ୍ଠିର ନାୟକ ପ୍ରମୁଖ ଯୋଗଦେଇ କଳା ଓ ସଂସ୍କୃତିର ଉନ୍ନତି ଉପରେ ମତ ରଖିଥିଲେ। ଦେବୀସ୍ତୁତିରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର ପ୍ରଥମ ଅର୍ଘ୍ୟ, ଯାହାକୁ ପରିବେଷଣ କରିଥିଲେ ଶିଳ୍ପୀ ଅର୍ପିତା ପାଣି ଓ ଦିବ୍ୟଶ୍ରୀ ପଣ୍ଡା। ପରେ ନୃତ୍ୟଶିଳ୍ପୀ ଶେଫାଳୀ ପଟ୍ଟନାୟକ ଏବଂ ଆର୍ଯ୍ୟାରୂପା ଦାସଙ୍କ ପ୍ରସ୍ତୁତିରେ ଥିଲା ଅଭିନୟ 'କିରିବାଣୀ ପଲ୍ଲବୀ'। ପରବର୍ତ୍ତୀ ପ୍ରସ୍ତୁତିରେ ମଞ୍ଚର ଶୋଭା ବଢାଇଥିଲେ ଶୁଭାସିନୀ ମଲ୍ଲିକ, ପ୍ରୀତିପ୍ରଜ୍ଞା ଦାସ ଏବଂ ରଞ୍ଜିତା ପ୍ରିୟଦର୍ଶିନୀ। ଏମାନଙ୍କ ପରିବେଷଣରେ ଥିଲା 'ଦଶାବତାର'। ସେହିପରି ଶିଳ୍ପୀ ସତ୍ୟସୂର୍ଯ୍ୟାଂଶୁ ଏବଂ ଲକ୍ଷ୍ମୀପ୍ରିୟା ଅର୍ଦ୍ଧନାରୀଶ୍ୱର, ସ୍ୱର୍ଣ୍ଣାଙ୍କି ଦାସ, ରତିରଞ୍ଜନ ଶିବସ୍ତୁତି ଓ ଅଷ୍ଟଶମ୍ଭୁ ଦର୍ଶକଙ୍କୁ ଭେଟି ଦେଇଥିଲେ। ଶେଷରେ ନାଚନ୍ତି ରେଙ୍ଗ ଶ୍ରୀହରିଙ୍କୁ ପରିବେଷଣ କରିଥିଲେ ସଞ୍ଚାରୀ ଏନ୍‌ସେମ୍ବଲ୍‌ର ଶିଳ୍ପୀମାନେ। ବିଶ୍ୱଜିତ ବଳିୟାର ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମାଟିରେ ମିଶିଲା ୩୦ରୁ ଉର୍ଦ୍ଧ୍ୱ ଦୋକାନ



ବାଲିପାଟଣା,୧୭।୪(ଅଭିମନ୍ୟୁ ନାୟକ)

ବାଲିପାଟଣା ତହସିଲ ପ୍ରଶାସନ ପକ୍ଷରୁ ଶୁକ୍ରବାର ବାଲିପାଟଣା ବଜାର, ବାଲିପାଟଣା ଛକ ଓ ସରିପୁର ଛକ ରାସ୍ତା ପାଖରେ ବେଆଇନ ଭାବେ ଗଢ଼ିଉଠିଥିବା ୩୦ରୁ ଉର୍ଦ୍ଧ୍ୱ ଦୋକାନ ଉଚ୍ଛେଦ କରାଯାଇଛି। ତହସିଲଦାର କଳ୍ପନା ଦାସ, ଅତିରିକ୍ତ ତହସିଲଦାର ସୌରଭ କୁମାର ବଡ୍ଡୁ, ସୁପରଭାଇଜର ଜଗନ୍ନାଥ ଓଝା, ଆର୍‌ଆଇ ସ୍ମିତାଞ୍ଜଳି ମହାନ୍ତି, ବିଦ୍ୟୁତ୍ ବିଭାଗ ଏବଂ ଏକ ପ୍ଲାଟୁନ ପୋଲିସ ଉପସ୍ଥିତ ଥିଲେ।

## ମିଳିଥିବା ଅନୁଦାନ ଠିକ୍ ଭାବେ ଖର୍ଚ୍ଚ ହୋଇଛି: ଅଦ୍ୱୈତ

ଭୁବନେଶ୍ୱର,୧୭।୪ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସମ୍ମିଳନୀରେ ଗୋଷ୍ଠୀ କନ୍ଦଳ ଓ ଅନୁଦାନ ଅର୍ଥର ଦୁରୁପଯୋଗ ନେଇ ଏପ୍ରିଲ ୧୦ରେ 'ଧରିତ୍ରୀ'ରେ ତଥ୍ୟଭିତ୍ତିକ ଖବର ପ୍ରକାଶିତ ହୋଇଥିଲା। ସମ୍ମିଳନୀକୁ ମିଳିଥିବା ସରକାରୀ ଅନୁଦାନ ୧ କୋଟି ୮୫ ଲକ୍ଷ ୫୭ ହଜାର ଟଙ୍କା ଠିକ୍ ଭାବରେ ବ୍ୟବହାର ହୋଇ ନ ଥିବା ଉଲ୍ଲେଖ ଥିଲା। ତେବେ ଏହି ଖବରକୁ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଦ୍ୱୈତକୁମାର ପାତ୍ର ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଏହି ଖବର ମିଥ୍ୟା, କପୋଳକଳ୍ପିତ, ଭିତ୍ତିହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ। ୨୦୨୦-୨୧ ବର୍ଷରେ ବିଚ୍ଛିନ୍ନାଞ୍ଚଳ ଶିକ୍ଷା ପ୍ରସାର ପାଇଁ ଆସିଥିବା ଅନୁଦାନ ରାଶିରୁ ବ୍ୟାଙ୍କ ଦ୍ୱାରା ଏନ୍‌ଇଏଫ୍‌ଟି ମାଧ୍ୟମରେ ସମସ୍ତ କାର୍ଯ୍ୟ କରିଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ସୁପରଭାଇଜରଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ୧ କୋଟି ୪୯ ଲକ୍ଷ ୬୭ ହଜାର ଟଙ୍କା ଦରମା ବାବଦକୁ ପଠାଯାଇଛି। ବଳକା ୪୫ ଲକ୍ଷ ୯୦ ହଜାର ଟଙ୍କା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଫେରସ୍ତ ଦିଆଯାଇ ରାଜ୍ୟ ସରକାରଙ୍କଠାରେ ବିନିଯୋଗ ପତ୍ର ଜମା କରାଯାଇଛି। ନିୟମାବଳୀ ଅନୁଯାୟୀ ଉତ୍କଳ ସମ୍ମିଳନୀ ତା'ର ସମସ୍ତ କାର୍ଯ୍ୟ କରିଛି। ପ୍ରତି ୩ରୁ ୪ ମାସରେ କାର୍ଯ୍ୟକାରିଣୀ ବୈଠକ ବସି ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଖର୍ଚ୍ଚର ବିବରଣୀ ଗୃହୀତ କରାଯାଉଥିବା ଅଦ୍ୱୈତ ଜଣାଇଛନ୍ତି।

## ଓଡ଼ିଶାକୁ ମାଓବାଦୀମୁକ୍ତ ଘୋଷଣାକଲେ ଡିଜିପି

ଭୁବନେଶ୍ୱର,୧୭।୪(ତ୍ରିନାଥ ମହାନ୍ତି)

- ସୀମାନ୍ତ ପଡ଼ୋଶୀ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ପାଇଁ ଆଲର୍ଟରେ ଓଡ଼ିଶା
- ଯବାନଙ୍କୁ ସମ୍ପୂର୍ଣ୍ଣ ଭାବେ ଅପସାରଣ କରାଯିବ ନାହିଁ

ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଚତରା ଓ ହଜାରିବାଗ ଜିଲା ସୀମାନ୍ତ ବଟୁକାର ଜଙ୍ଗଲରେ ମାଓବାଦୀ ଏବଂ ଯବାନ ମୁହାଁମୁହିଁ ହେବା ପରେ ଓଡ଼ିଶା ପୋଲିସ ଆଲର୍ଟରେ ରହିଥିବା ଡିଜିପି ଓ୍ୱାଇ.ବି. ଖୁରାନିଆ କହିଛନ୍ତି। ଏଥିସହ ସେ ଓଡ଼ିଶାକୁ ମାଓବାଦୀ ମୁକ୍ତ ଘୋଷଣା କରିଛନ୍ତି। ଏହି ଅବସରରେ ଡିଜିପି କହିଲେ, ଓଡ଼ିଶାରେ ସମସ୍ତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଠାରେ ଆଉ ମାଓବାଦୀ ଉପଦ୍ରବ ଦେଖିବାକୁ ମିଳୁନାହିଁ। କନ୍ଧମାଳରେ ଲୁଚିଥିବା ୮ଜଣ ମାଓବାଦୀ ଓଡ଼ିଶା ସୀମା ଦେଇ ପଡ଼ୋଶୀ ରାଜ୍ୟକୁ ପଳାଇଛନ୍ତି। ଏବେ ସୀମାନ୍ତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ମାଓବାଦୀ କାର୍ଯ୍ୟକଳାପ ଥିବାରୁ ଓଡ଼ିଶା ସୀମାରେ ଆଲର୍ଟରେ ଯବାନମାନେ ରହିଛନ୍ତି। ପଡ଼ୋଶୀ ରାଜ୍ୟ ସହ ମିଶି ଅପରେଶନ କରାଯାଉଛି। ଓଡ଼ିଶା ମାଓବାଦୀମୁକ୍ତ ହୋଇଥିଲେ ମଧ୍ୟ ଯବାନମାନଙ୍କୁ ସମ୍ପୂର୍ଣ୍ଣଭାବେ ଅପସାରଣ କରାଯିବ ନାହିଁ ବୋଲି ଡିଜିପି କହିଛନ୍ତି।

ଝାଡ଼ଖଣ୍ଡରେ ମାଓବାଦୀ ଓ ଯବାନ ମୁହାଁମୁହିଁ ହେବା ଘଟଣା ସଂକ୍ରାନ୍ତରେ ସୂଚନା ଦେଇ ଡିଜିପି କହିଲେ, ବଟୁକାର ଜଙ୍ଗଲରେ ଶୁକ୍ରବାର ସକାଳେ ମାଓବାଦୀମାନଙ୍କର ଏକ ବଡ଼ ଦଳ ବଡ଼ଧରଣର ଅଘଟଣ ଘଟାଇବା ପାଇଁ ଏକାଠି ହୋଇଥିବା ସୂଚନା ମିଳିବା ପରେ ଚତରା-ହଜାରିବାଗ ପୋଲିସ ଓ କୋବ୍ରା ବାଟାଲିୟନର ଯବାନମାନେ ତୁରନ୍ତ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ ମାଓବାଦୀଙ୍କ ସହିତ ସେମାନଙ୍କର ଗୁଳି ବିନିମୟ ହୋଇଥିଲା। ସୁରକ୍ଷା ବାହିନୀର ଗୁଳିରେ ୪ଜଣ ନକ୍ସଲ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ସବ୍-ଜୋନାଲ କମାଣ୍ଡର ସହଦେବ ମାହାତୋ ଓ ମହିଳା ମାଓବାଦୀ ନତାଶା। ସହଦେବଙ୍କ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ସେ ଦୀର୍ଘବର୍ଷ ଧରି ଚତରା, ହଜାରିବାଗ ଏବଂ ଲାଟେହାର ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିଲେ। ଘଟଣାସ୍ଥଳରୁ ସୁରକ୍ଷା ବାହିନୀ ଦୁଇଟି ଏକେ-୪୭ ସହିତ ବହୁ ସଂଖ୍ୟକ କ୍ୟାଟ୍ରିଜ୍ ଓ ମାଓବାଦୀଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛନ୍ତି। ଏହାସହ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଅନ୍ୟପଟରେ ଘଟଣାସ୍ଥଳରୁ ଆହୁରି ବହୁ ମାଓବାଦୀ ଖସି ପଳାଇଥିବାରୁ ସେମାନେ ଓଡ଼ିଶା ସୀମା ଦେଇ ଭିତରକୁ ପ୍ରବେଶ କରିବା ସମ୍ଭାବନା ରହିଛି। ତେଣୁ ଓଡ଼ିଶା ପୋଲିସ ଆଲର୍ଟରେ ରହିବା ସହ ଝାଡ଼ଖଣ୍ଡ ଏବଂ ଓଡ଼ିଶା ସୀମାରେ ସର୍ଚ୍ଚ ଅପରେଶନ କରୁଛି। ମାଓବାଦୀଙ୍କ ଯାତାୟାତ ପଥ ଜଙ୍ଗଲୀ ରାସ୍ତାରେ ପୋଲିସ ପଇଁତରା ମାରିବା ସହ ଝାଡ଼ଖଣ୍ଡ ଏବଂ ଓଡ଼ିଶା ସୀମା ଦେଇ ଯାଉଥିବା ସମସ୍ତ ଗାଡ଼ିକୁ ଯାଞ୍ଚ କରାଯାଉଛି। ଏଥିସହ ଡ୍ରୋନ୍ ମାଧ୍ୟମରେ ମଧ୍ୟ ଆକାଶ ମାର୍ଗରୁ ମାଓବାଦୀଙ୍କ ଉପରେ ନଜର ରଖାଯାଇଛି ବୋଲି ଡିଜିପି ଖୁରାନିଆ କହିଛନ୍ତି।


ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଶୁକ୍ରବାର ବିନ୍ଦୁସାଗର ଉତ୍ତରେଶ୍ୱର ଘାଟରେ ତିଳତର୍ପଣ କରାଯାଉଛି। ବିଜେଡିର ଭୁବନେଶ୍ୱର ସାଙ୍ଗଠନିକ ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସଙ୍କ ସମେତ ବିଜେଡିର ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଅଛନ୍ତି। (ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)

## ବିଜୁ ପଟ୍ଟନାୟକ ଓଡ଼ିଆ ସ୍ୱାଭିମାନର ପ୍ରତୀକ

ଭୁବନେଶ୍ୱର,୧୭।୪ (ସୌମ୍ୟରଞ୍ଜନ ରାଉତ)

### ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ତଥା ଓଡ଼ିଆ ସ୍ୱାଭିମାନର ପ୍ରତୀକ ମହାନ ଜନନାୟକ ବିଜୁ ପଟ୍ଟନାୟକ ଜଣେ କିମ୍ବଦନ୍ତୀ ପୁରୁଷ ଥିଲେ। ସେ ନିଜର ଦୁଃସାହସିକତା, ନିର୍ଭୀକତା, ସେବାଭାବ ଓ ତ୍ୟାଗମୟ ଜୀବନ ମାଧ୍ୟମରେ ଓଡ଼ିଆ ଜାତିର ଗୌରବକୁ ସୁଦୃଢ଼ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସିକ ବୈମାନିକ, ଲୋକପ୍ରିୟ ରାଜନୀତିଜ୍ଞ ଓ ସମାଜସେବକ ଭାବେ ତାଙ୍କର ଅସାଧାରଣ ଅବଦାନ ସଦା ସ୍ମରଣୀୟ ରହିବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଭବନରେ ଆୟୋଜିତ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ସାନ୍ଧ୍ୟା ସମାରୋହ ପାଳିତ ହୋଇଥିଲା। ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ, ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣି ଓ ଅନ୍ୟ ଅତିଥିମାନେ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ ସୌରଭ ନାୟକଙ୍କ ସହ ଗାୟିକା ଯଶସ୍ୱିନୀ ନାୟକ ଓ ଗୋପାଳଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ତବଲାରେ ରାକେଶ, ଢୋଲକରେ ସାଗର, ଅକ୍ଟୋପ୍ୟାଡ୍‌ରେ ଅଭିଳାଷ ଏବଂ କିବୋର୍ଡରେ ବସନ୍ତ ମିଶ୍ର ସହଯୋଗ କରିଥିଲେ। ବିନୋଦ ଓ ସୁନୀତା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସାମାଜିକ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଯୋଗଦେଇ ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଦିଲୀପ ଶ୍ରୀଚନ୍ଦନଙ୍କ ପୁସ୍ତକ 'ଗଛ ମଣିଷ' ଉନ୍ମୋଚିତ

ଭୁବନେଶ୍ୱର,୧୭।୪
(ସୌମ୍ୟରଞ୍ଜନ ରାଉତ)

ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନଙ୍କ ପୁସ୍ତକ 'ଗଛ ମଣିଷ' ପକ୍ଷୀଘର ପ୍ରକାଶନୀ କାର୍ଯ୍ୟାଳୟଠାରେ ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ସାହିତ୍ୟିକ ଅଜୟ ସ୍ୱାଇଁ, ଓଡ଼ିଶା ରାଜ୍ୟ ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, କବି ମଙ୍ଗଳା ପ୍ରସାଦ ପ୍ରଧାନ, କବି ଅଶୋକ ପୁହାଣ, ପକ୍ଷୀଘର ମୁଖ୍ୟ ସମ୍ପାଦକ ବନୋଜ ତ୍ରିପାଠୀ, ପୁସ୍ତକର ସଂକଳକ ସଦାଶିବ ଶ୍ରୀଚନ୍ଦନ, ସାମାଜିକ କର୍ମୀ ଦୀପକ ମହାନ୍ତି ଉପସ୍ଥିତ ଥିଲେ।


ଅତିଥିମାନେ ପୁସ୍ତକ 'ଗଛ ମଣିଷ'କୁ ଉନ୍ମୋଚନ କରୁଛନ୍ତି।

## ବିଜୁ ବାବୁଙ୍କ ଶ୍ରାଦ୍ଧଦିବସରେ ବିଜେଡିର ଶୋଭାଯାତ୍ରା

ବାଲିପାଟଣା,୧୭।୪(ଅଭିମନ୍ୟୁ ନାୟକ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଶୁକ୍ରବାର ଜୟଦେବ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଏକ ଶୋଭାଯାତ୍ରା ହୋଇଥିଲା। ବାଲିପାଟଣା ବଜାରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଅଠାନ୍ତରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ ବିଜେଡି ନେତା ପ୍ରତାପ କେଶରୀ ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ଦିଲୀପ ବଳିୟାରସିଂହ, ରାଜଲକ୍ଷ୍ମୀ ମିଶ୍ର, ଅମରେନ୍ଦ୍ର ପଟ୍ଟନାୟକ, କାହ୍ନୁଚରଣ ଦାସ, ତ୍ରିବିକ୍ରମ ଦାଶ, ସତ୍ୟଭାମା ବେହେରା, ସୌମ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳକୁ ଆହୁରି ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ।

## ସିବିଏସ୍‌ଇ ଦଶମ: ସମ୍ବର୍ଦ୍ଧିତ ହେଲେ କ୍ରିଷ୍ଣାମୂର୍ତ୍ତି ୱାର୍ଲଡ୍ ସ୍କୁଲ୍‌ର କୃତୀ ଛାତ୍ରୀଛାତ୍ର



ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)

ଜଟିପଡ଼ାସ୍ଥିତ କ୍ରିଷ୍ଣାମୂର୍ତ୍ତି ୱାର୍ଲଡ୍ ସ୍କୁଲ୍ ପରିସରରେ ଚଳିତବର୍ଷ ସିବିଏସ୍‌ଇ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟରେ ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବାବେଳେ ଶୁଭଶ୍ରୀ ସାହୁ ୯୯% ନମ୍ବର ସ୍କୁଲ ଟପ୍ପର ହୋଇଛନ୍ତି। ସେହିପରି ଶୋଭମ ବେହେରା ୯୭%, ସଂଘମିତ୍ରା ପଣ୍ଡା ୯୫% ରଖି ୨ୟ ଓ ୩ୟ ସ୍ଥାନ ଅର୍ଜନ କରିଥିବାବେଳେ ୬୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩ ଜଣ ୯୦%, ୧୮ ଜଣ ୮୦%, ୧୫ ଜଣ ୭୦% ଏବଂ ୨୦ ଜଣ ୬୦% ରଖିଛନ୍ତି। ବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ଦାଶ ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଭବିଷ୍ୟତରେ କ୍ରିଷ୍ଣାମୂର୍ତ୍ତି ୱାର୍ଲଡ୍ ସ୍କୁଲ୍ ସଫଳତାର ଶିଖରକୁ ନିଶ୍ଚୟ ସ୍ପର୍ଶ କରିବ ବୋଲି କହିଥିଲେ।

## ବିଲ୍ ବକେୟା ଥିଲେ ବିଦ୍ୟୁତ୍ ସଂଯୋଗ କାଟ ନାହିଁ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)

### ଶକ୍ତି ବିଭାଗର ଗ୍ରୀଷ୍ମକାଳୀନ ପ୍ରସ୍ତୁତି ସମୀକ୍ଷା କଲେ

ଗ୍ରୀଷ୍ମ ଋତୁରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନେଇ ଶକ୍ତି ବିଭାଗ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ। ଗ୍ରୀଷ୍ମ ଋତୁରେ ପିକ୍ ଡିମାଣ୍ଡକୁ ଆଖିରେ ରଖି ଚାହିଦା ପୂରଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏପ୍ରିଲ ମାସ ପାଇଁ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ଚାହିଦା ୬୦୮୭ ମେଗାୱାଟ ରହିଛି, ଯାହାକୁ ଅତି ସଫଳତାର ସହ ପୂରଣ କରାଯାଉଛି। ମେ ମାସରେ ସର୍ବାଧିକ ଚାହିଦା ୬୨୦୦ ମେଗାୱାଟ ଏବଂ ଜୁନ୍‌ରେ ୬୧୦୦ ମେଗାୱାଟ ହେବା ନେଇ ଆଶା କରାଯାଉଛି। ଗତ ବର୍ଷ ତୁଳନାରେ ଚଳିତ ଏପ୍ରିଲରେ ବିଦ୍ୟୁତ ଚାହିଦାରେ ୨% ବୃଦ୍ଧି ଦେଖିବାକୁ ମିଳିଛି। ଆଗାମୀ ଗ୍ରୀଷ୍ମ ମାସଗୁଡ଼ିକରେ ପିକ୍ ଆୱାର ସମୟରେ ରାଜ୍ୟର ହାଇଡ୍ରୋ ପାୱାର ଜେନେରେଶନ ସର୍ବାଧିକ କରିବା ପାଇଁ ଓଏଚ୍‌ପିସି ସହିତ ଆଲୋଚନା କରାଯାଇଛି। ସେହିପରି ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକ ସହ ବିଭାଗ ପକ୍ଷରୁ ସମନ୍ୱୟ ରକ୍ଷା କରାଯାଇଛି। ଏହାସହ ପାୱାର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା କରାଯାଇଛି। ୫୦ରୁ ୧୦୦ ମେଗାୱାଟ ବିଦ୍ୟୁତ କ୍ରୟ ପାଇଁ ଆର୍‌ଏସ୍‌ପି ସହିତ ଆଲୋଚନା ଜାରି ରହିଛି। ଏଥିସହ ରାଜ୍ୟର ଚାହିଦା ପୂରଣ କରିବା ପାଇଁ ଆବଶ୍ୟକତା ଅନୁଯାୟୀ ପାୱାର ଏକ୍ସଚେଞ୍ଜରୁ ବିଦ୍ୟୁତ କ୍ରୟ ବ୍ୟବସ୍ଥା କରାଯାଇଛି। ଗ୍ରାହକ ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ କଲ୍ ସେଣ୍ଟରର କ୍ଷମତା ଦୈନିକ ୧୦୦ ରୁ ୧୫୦ ଲଗଇନ୍‌କୁ ବୃଦ୍ଧି କରାଯାଇଛି। ଗ୍ରାହକମାନେ ଯେପରି ବିଦ୍ୟୁତ ସେବା ବ୍ୟାଘାତ ସମ୍ବନ୍ଧୀୟ ଲାଇଭ୍ ସୂଚନା ତୁରନ୍ତ ପାଇପାରିବେ, ସେଥିପାଇଁ ମିସଡ୍-କଲ୍ ଏବଂ ସିଙ୍ଗଲ୍-କ୍ଲିକ୍ ସୁବିଧା ଆରମ୍ଭ କରାଯାଇଛି। ଆଇଭିଆର୍‌ଏସ୍, ୱେବସାଇଟ୍, ଆପ୍ ଏବଂ ସ୍ୱୟଂ ସେବା ମାଧ୍ୟମରେ ଅନଲାଇନ୍ ଅଭିଯୋଗ ପଞ୍ଜୀକରଣକୁ ସହଜ କରାଯାଇଛି। ସୋସିଆଲ ମିଡିଆ ପ୍ଲାଟଫର୍ମ, ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍ ଏବଂ ସ୍ଥାନୀୟ ଘୋଷଣା ମାଧ୍ୟମରେ ବିଦ୍ୟୁତ କାଟ ସମ୍ପର୍କରେ ଆଗୁଆ ସୂଚନା ଦିଆଯାଉଛି। ରାଜ୍ୟର କୌଣସି ସ୍ଥାନରୁ ବିଜୁଳି ବ୍ୟାଘାତ ନେଇ ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ। ଏଥିସହିତ ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଘରୋଇ ଗ୍ରାହକଙ୍କ ବିଦ୍ୟୁତ ବିଲ୍ ବକେୟା ଥିଲେ ମଧ୍ୟ ସଂଯୋଗ ବିଚ୍ଛିନ୍ନ ନ କରିବାକୁ ବିଭାଗକୁ ପୁଣିଥରେ କହିଛନ୍ତି। ସମୀକ୍ଷା ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ସିଏମଡି ଓପିଟିସିଏଲ ଭାସ୍କର ଜ୍ୟୋତି ଶର୍ମା, ଗ୍ରୀଡ଼କୋ ଏମ୍‌ଡି ସତ୍ୟପ୍ରିୟ ରଥଙ୍କ ସମେତ ଅଧିକାରୀମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ମାଙ୍କଡ଼ କାମୁଡ଼ାରେ ଶ୍ରମିକ ଗୁରୁତର

ନିରାକାରପୁର,୧୭।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ମାଙ୍କଡ଼ କାମୁଡ଼ାରେ ଶୁକ୍ରବାର ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନିରାକାରପୁର ପଞ୍ଚାୟତ ଅଧୀନ ନିରାକାରପୁର ସାହିର ଶ୍ୟାମସୁନ୍ଦର ବେହେରା(୩୮)। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଶ୍ୟାମସୁନ୍ଦର ସ୍ଥାନୀୟ ସରକାରୀ ମେଡିକାଲ ପାର୍ଶ୍ୱରେ ଥିବା ଚିତ୍ରକୁଟ ବିହାର ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଫାଟକ କାର୍ଯ୍ୟ କରୁଥିବା ବେଳେ ହଠାତ୍ ୫ଟି ମାଙ୍କଡ଼ ଆସି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସେଥିରୁ ଗୋଟିଏ ମାଙ୍କଡ଼ ହଠାତ୍ ଶ୍ୟାମସୁନ୍ଦରଙ୍କ ଗୋଡ଼ର ମାଂସପେଶୀକୁ କାମୁଡ଼ି କ୍ଷତାକ୍ତ କରି ପକାଇଥିଲା। ଚିତ୍କାର ଶୁଣି କେତେଜଣ ଲୋକ ପହଞ୍ଚିବାରୁ ମାଙ୍କଡ଼ମାନେ ସେଠାରୁ ପଳାଇଥିଲେ। ଖବରପାଇ ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ କୁମାର ପ୍ରଧାନ ପହଞ୍ଚି ଚିକିତ୍ସା ପାଇଁ ଶ୍ୟାମସୁନ୍ଦରଙ୍କୁ ଖୋର୍ଦ୍ଧା ମେଡିକାଲ ନେଇଥିଲେ। ଏବେ ସେ ସୁସ୍ଥ ଥିବା ଜଣାପଡ଼ିଛି। ବନବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ମାଙ୍କଡ଼ଙ୍କୁ ଏଠାରୁ ଘଉଡ଼ାଇବା ପାଇଁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ଭୂଷଣ୍ଡପୁର ଫରେଷ୍ଟର ଧୁଶାସନ ନାୟକ କହିଛନ୍ତି।

### ମହିଳାଙ୍କୁ ଅସଦାଚରଣ କରି ପମ୍ପ ଚାଳକ ଗିରଫ

ବୋଲଗଡ଼,୧୭।୪(ଦେବବ୍ରତ ହୋତା)

ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବୋଲଗଡ଼ ଥାନା ପୋଲିସ ଜଣେ ପମ୍ପ ଚାଳକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ନିରଞ୍ଜନ ଲେଙ୍କା (୪୭)। ଏନେଇ ଥାନାରେ ଏକ ମାମଲା (ନଂ.୧୫୮/୨୬)ରୁଜୁ ହୋଇଛି। ସୂଚନା ଅନୁଯାୟୀ, ମହିଳା ଜଣଙ୍କ ଘର ବାରିପଟେ ଭୋର୍ ସମୟରେ ଗାଧୋଉଥିବା ବେଳେ ସମ୍ପୃକ୍ତ ପମ୍ପ ଚାଳକ ନିରଞ୍ଜନ ସେଠାରେ ପହଞ୍ଚି ଅଶ୍ଳୀଳ କଥାବାର୍ତ୍ତା କରିଥିଲେ। ଏହାର ପ୍ରତିବାଦ କରିବାରୁ ମହିଳା ଜଣଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ମହିଳାଙ୍କ ପରିବାର ପକ୍ଷରୁ ଗ୍ରାମ କମିଟିରେ ଅଭିଯୋଗ କରାଯାଇଥିଲା। ତେବେ ସେଠାରେ କୌଣସି ସମାଧାନର ବାହାରି ନ ପାରିବାରୁ ବୋଲଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଥାନା ପକ୍ଷରୁ ଗ୍ରାମର କମିଟି ସଦସ୍ୟ ଏବଂ କେତେଜଣ ଭଦ୍ରବ୍ୟକ୍ତିଙ୍କ ସମେତ ସ୍ଥାନୀୟ ସରପଞ୍ଚଙ୍କୁ ଡକାଇ ପୋଲିସ ଅନୁସନ୍ଧାନ କରିଥିଲା। ସେମାନଙ୍କ ସହ ଆଲୋଚନା ବେଳେ ପମ୍ପ ଚାଳକ ନିରଞ୍ଜନ ପୂର୍ବରୁ ମଧ ବିଭିନ୍ନ ସମୟରେ ଅନେକ ମହିଳା ଓ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅବଗତ ହୋଇଥିଲେ। ଏହାପରେ ନିରଞ୍ଜନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସୁକାନ୍ତ ଦଳେଇ କହିଛନ୍ତି।

### ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ଝାଁଳା,୧୭।୪,(ବୁଲା ବାରିକ)

ଭରତପୁର ଜିଏ କଲୋନୀସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାଶୀନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ ତଥା ଭାରତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ମାର୍ଗଦର୍ଶକ ଜଗଦୀଶ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅବଧୂତ ଆନନ୍ଦ ମାର୍ଗ ପ୍ରଚାରକ ସଂଘର ମୁଖ୍ୟ ଲଳିତ କୃଷ୍ଣ ନନ୍ଦ ମୁଖ୍ୟ ବକ୍ତା ଓ ଭାରତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଯୋଗାଚାର୍ଯ୍ୟ ବୀର କିଶୋର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

ବିଦ୍ୟାଳୟର ସମ୍ପାଦକ ଦୁର୍ଗା ପ୍ରସାଦ ମହାନ୍ତି ସଭା ପରିଚାଳନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ମନୋରମା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସହ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମିପ୍ରିୟା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାହାଇଥିଲା। କାର୍ଯ୍ୟକ୍ରମରେ ମମତା ସାହୁ, ଶୁଭଶ୍ରୀ ଶୁଭଲକ୍ଷ୍ମୀ ଦାଶ, ସୁଚିତ୍ରା ଦାସ, ନମିତା ବିଶ୍ୱାଳଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ୨୮ରେ ଗଡ଼ିବ ମଧୁ ଜ୍ୟୋତି ରଥ

## ଗଡ଼ରଥିପୁରରୁ ବାହାରି ସତ୍ୟଭାମାପୁରରେ ପହଞ୍ଚିବ

ଜଟଣୀ,୧୭।୪(ରବୀନ୍ଦ୍ରନାଥ ମହାକୁଡ଼)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଆସନ୍ତା ୨୮ତାରିଖରେ ଜଟଣୀ ବ୍ଲକ ଅନ୍ତର୍ଗତ ଗଡ଼ରଥିପୁରଠାରୁ ମଧୁ ଜ୍ୟୋତି ରଥ ବାହାରି ସାଲେପୁର ନିକଟସ୍ଥ ସତ୍ୟଭାମାପୁରରେ ପହଞ୍ଚିବ ବୋଲି ମଧୁସୂଦନ ବିଚାର ମଞ୍ଚ ପକ୍ଷରୁ ସ୍ଥାନୀୟ ସାକ୍ଷୀ ଗୋପୀନାଥ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ କୁହାଯାଇଛି।

ମଧୁବାବୁଙ୍କ ପୂର୍ବପୁରୁଷଙ୍କ ଜନ୍ମସ୍ଥଳୀ ଜଟଣୀ ନିକଟସ୍ଥ ଗଡ଼ରଥିପୁର ହୋଇଥିବା ବେଳେ ମଧୁବାବୁଙ୍କ ପୂର୍ବପୁରୁଷ ଗଜପତିଙ୍କ ଦୁର୍ଗ ସୁରକ୍ଷା ନିମନ୍ତେ ଦାୟିତ୍ୱ ନେବା ପରେ ତାଙ୍କ ପରିବାର ସାଲେପୁର ନିକଟସ୍ଥ ସତ୍ୟଭାମାପୁରରେ



ମଧୁସୂଦନ ବିଚାର ମଞ୍ଚ ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅବସ୍ଥାନ କରିଥିଲେ। ମଧୁବାବୁଙ୍କ ଜୟନ୍ତୀ ଅବସରରେ ଏହି ଦୁଇଟି ସ୍ଥାନର ଗୁରୁତ୍ୱକୁ ସମସ୍ତଙ୍କ ନିକଟରେ ପରିଚିତ କରିବା ପାଇଁ ମଧୁସୂଦନ ଦାସ ବିଚାର ମଞ୍ଚ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହଯାଇଛି। ଏହି ଜ୍ୟୋତି ଯାତ୍ରାର ମାର୍ଗରେ ସର୍ବସାଧାରଣ ଏବଂ ଓଡିଆ ପ୍ରେମୀ ସଙ୍ଗଠନଗୁଡିକ ସାମିଲ ହୋଇ ଜ୍ୟୋତିକୁ ସ୍ୱାଗତ କରିବା ପାଇଁ ଅନୁରୋଧ କରାଯାଇଛି।

ମଧୁବାବୁଙ୍କ ଜନ୍ମସ୍ଥଳୀଠାରେ ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମଧୁବାବୁଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ଏବଂ ମଧୁସୂଦନ ବିଚାର ମଞ୍ଚ ପକ୍ଷରୁ ଏକ ଇଂଲିଶ ପୁସ୍ତକର ଉନ୍ମୋଚନ ହେବ। ଏହି ବୈଠକରେ ଉତ୍କଳ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ନିର୍ଦ୍ଦେଶକ ତଥା ସମାଜସେବୀ ପ୍ରତାପ ଚନ୍ଦ୍ର ସାମନ୍ତରାୟ, 'ମଧୁସୂଦନ ବିଚାର ମଞ୍ଚ' ଓଡ଼ିଶାର ସଭାପତି ଡ.ବାୟାମନୁ ଚର୍ଚ୍ଚିଙ୍କ ସହ ଗଡ଼ରଥିପୁରର ଗଦାଧର ପାତ୍ର, ରମାକାନ୍ତ ହରିଚନ୍ଦନ, ହଟ୍ଟ କିଶୋର ପ୍ରଧାନ, ପଦ୍ମ ଚରଣ ସୁବୁଦ୍ଧି, ଗାନ୍ଧୀ ପରିଡା, ବୈକୁଣ୍ଠନାଥ ସ୍ୱାଇଁ, ସତ୍ୟଧର ଜେନା, ଶତ୍ରୁଘ୍ନ ବେହେରା, ସୁକାନ୍ତ କିଶୋର ସାମନ୍ତରାୟ, ସୌମେନ୍ଦ୍ର ଜେନା, ବିରେନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ର ଶିଖିଲେ ନିଆଁ ଲିଭାଇବା ଉପାୟ



## ବିଜେବି ହାଇସ୍କୁଲରେ ଅଗ୍ନିଶମ ସପ୍ତାହ

ଖୋର୍ଦ୍ଧା,୧୭।୪(ପ୍ରଭାତ ପାଣିଗ୍ରାହୀ)

ବିଜେବି ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ ଅଗ୍ନିଶମ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି ଅଗ୍ନି ସେବା ସପ୍ତାହ ପାଳନର ଆବଶ୍ୟକ ଉପରେ ଆଲୋକପାତ କରିଥିଲେ। ଅଗ୍ନିଶମ ବାହିନୀର ଅଧିକାରୀ ଗୌତମ ସାମନ୍ତରାୟ, ହାବିଲଦାର ସୁଶାନ୍ତ କୁମାର ସାହୁ, ଅଗ୍ନିଯୋଦ୍ଧା ପରେଶ କୁମାର ପ୍ରଧାନ, ଜିତେନ୍ଦ୍ର ରଣା ଛାତ୍ରୀଛାତ୍ରମାନଙ୍କୁ ନିଆଁ ଲାଗିବା କାରଣ ଓ ନିରାକରଣ ଉପାୟ ସମ୍ପର୍କରେ ବୁଝାଇଥିଲେ। ଗ୍ୟାସ୍ ସିଲିଣ୍ଡରରେ ଅଗ୍ନି ସଂଯୋଗ କରି ତଥା ଜଳୁଥିବା ନିଆଁକୁ ଆୟତ୍ତ କରିବାର କୌଶଳ ଛାତ୍ରୀଛାତ୍ରଙ୍କୁ ଦେଖାଇଥିଲେ। ଏହି କୌଶଳ ଅଧିକାରୀମାନଙ୍କ ଠାରୁ ଶିଖି ଗ୍ୟାସ ସିଲିଣ୍ଡରରେ ଲାଗିଥିବା ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ବିଭୁପ୍ରସାଦ ପଣ୍ଡା , ଚନ୍ଦ୍ରକାନ୍ତ ଦାସ, ଜଗନ୍ନାଥ ରାଉତ, ଚିନ୍ମୟ ମାର୍ଥା, ଏମ୍. ଡି. ଖତିବୁଦ୍ଦିନ, ଶିକ୍ଷୟିତ୍ରୀ ଚନ୍ଦ୍ରଲେଖା ମିଶ୍ର , ଅନୁପମା ସାହୁ , ପ୍ରିୟଦର୍ଶିନୀ ସାହୁ, ସୌଦାମିନୀ ବାରିକ, ଶିକ୍ଷା କର୍ମଚାରୀ ସୁଶିଲ କୁମାର ରାଉତ, ନୀଳାମ୍ବର ନାୟକ, ଆଲୋକ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଲେ ଯୁବକ

ବେଗୁନିଆ,୧୭।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ହାତୀ ଆକ୍ରମଣରେ ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ପଞ୍ଚାୟତ ନିଧିପୁର ଗ୍ରାମର ଶୁଶାନ୍ତ କୁମାର ପ୍ରଧାନଙ୍କ ମୃତ୍ୟୁ ଘଟଣାକୁ ୧୨ଘଣ୍ଟା ବିତି ନ ଥିବା ବେଳେ ପୁଣି ସ୍ଥାନୀୟ ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ଆଉ ଏକ ଅଘଟଣ ଘଟିଛି। ହାତୀ ଆକ୍ରମଣରୁ ଜଣେ ଯୁବକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସାଇକେଲରୁ ପଡ଼ି ଗୁରୁତର ଆହତ ହୋଇଥିଲେ। ସେ ହେଲେ ବେଗୁନିଆ ବ୍ଲକ ଅଧୀନ ସିକୋ ଗ୍ରାମର ଦିବାକର ପ୍ରଧାନ (୩୩)। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ନିକଟସ୍ଥ କାଜୁ ବଗିଚାରୁ ମଞ୍ଜି ସଂଗ୍ରହ କରି ଦିବାକର ସାଇକେଲରେ ଘରକୁ ଫେରୁଥିଲେ। ଗୋଟିଏ ହାତୀ ତାଙ୍କ ଆଡକୁ ଆସୁଥିବା ଦେଖି ନିଜ ଜୀବନ ବଞ୍ଚାଇବା ଲାଗି ଉଦ୍ୟମ କରିଥିଲେ। ଫଳରେ ସେ ସାଇକେଲରୁ ଖସିପଡି ଗୁରୁତର ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ସଜାଗ, ସଚେତନ ରହିଲେ ସୁରକ୍ଷିତ ରହିବେ



ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନ କରାଯାଉଛି।

ଖୋର୍ଦ୍ଧା,୧୭।୪(ପ୍ରଭାତ ପାଣିଗ୍ରାହୀ)

ଅଗ୍ନିଶମ ସପ୍ତାହ ପାଳନ ଅବସରରେ ଖୋର୍ଦ୍ଧା ଅଗ୍ନିଶମ ବିଭାଗ ପକ୍ଷରୁ ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଅଗ୍ନିଶମ ଅଧିକାରୀ ମୀନକେତନ ବେହେରାଙ୍କ ନେତୃତ୍ୱରେ ମୁଖ୍ୟ ଅଗ୍ନିକ ପରମାନନ୍ଦ ଲେଙ୍କା, ମିଥୁନ ମାଝି, ସୌମ୍ୟ ନାୟକ, ସୂର୍ଯ୍ୟ କୁମାର ସାହୁ, ସୁଜିତ ବେହେରା ପ୍ରମୁଖ ସ୍ଥାନୀୟ ଜନସାଧାରଣଙ୍କୁ ଅଗ୍ନି ସତର୍କତା ପାଳନ ଓ ଅଗ୍ନିଦାଉରୁ ମୁକ୍ତି ସମ୍ପର୍କରେ ସଚେତନ କରିଥିଲେ। ଏଥିସହ ଯେକୌଣସି ଅଗ୍ନି ଦୁର୍ଘଟଣା ନଜରକୁ ଆସିଲେ ତୁରନ୍ତ ୧୧୨ ନମ୍ବରକୁ କଲ୍ କରି ଖବର ଦେବାକୁ ନିବେଦନ କରିଥିଲେ। ସଜାଗ ଓ ସଚେତନ ରହିଲେ ଅଗ୍ନି ଦୁର୍ଘଟଣାରୁ ସୁରକ୍ଷିତ ରହିପାରିବେ ବୋଲି ଅଧିକାରୀମାନେ କହିଛନ୍ତି। ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟକୁ ସୁରକ୍ଷିତ ରଖିବା ଚଳିତ ବର୍ଷର ଥିମ୍ ରହିଛି ବୋଲି ଏହି ଅବସରରେ ସୂଚନା ଦିଆଯାଇଛି।

# ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଥିଲେ ବିଜୁବାବୁ



ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଟାଙ୍ଗୀ,୧୭।୪(ରଘୁନାଥ ସାହୁ)

ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଶୁକ୍ରବାର ଟାଙ୍ଗୀସ୍ଥିତ ରଘୁନାଥ ଦେବଙ୍କ ମନ୍ଦିରରେ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି କର୍ମୀମାନେ ବିଜୁ ବାବୁଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବିଜେଡି ନେତା ପ୍ରଦୀପ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିଙ୍କି ମାନ୍ଧାତା, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ସରକାରୀ ଆଇନଜୀବୀ ନିରଞ୍ଜନ ଦାଶ, ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ। ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଥିଲେ ବିଜୁବାବୁ ବୋଲି ମତପ୍ରକାଶ ପାଇଥିଲା।

# ବାମପନ୍ଥୀ ଦଳର ପ୍ରତିବାଦ ଦିବସ, ବିକ୍ଷୋଭ

ଖୋର୍ଦ୍ଧା,୧୭।୪(ପ୍ରଭାତ ପାଣିଗ୍ରାହୀ)

ରାୟଗଡ଼ା-କଳାହାଣ୍ଡି ଜିଲାର ସିଜିମାଳି ପର୍ବତ ଅଞ୍ଚଳରେ ବେଦାନ୍ତର ପ୍ରସ୍ତାବିତ ବକ୍ସାଇଟ ଖଣି ପ୍ରକଳ୍ପକୁ ନେଇ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଗତ ଏପ୍ରିଲ ୬ ଓ ୭ତାରିଖରେ ପୋଲିସର ଗ୍ରାମରେ ଚଢ଼ାଉ, ଦମନ, ଗ୍ରାମସଭା ରେକର୍ଡରେ ଜାଲିଆତି, ଜଙ୍ଗଲ ଅଧିକାର ଆଇନ-୨୦୦୬, ଓପେସା ଆଇନ ୧୯୯୬ର ଉଲ୍ଲଂଘନ ଏବଂ ମିଥ୍ୟା ମାମଲାରେ ଗିରଫଦାରି ସମ୍ପର୍କିତ ଜରୁରିକାଳୀନ ହସ୍ତକ୍ଷେପ ତଥା କେନ୍ଦୁଝର ଜିଲାର ପାଟଣା ଓ ସୁନ୍ଦରଗଡ଼ ଜିଲାର ଲାଞ୍ଜିବେର୍ଣ୍ଣାରେ ଶିଳ୍ପ ପାଇଁ ବଳପୂବକ ଜମି ଅଧିଗ୍ରହଣ ପ୍ରତିବାଦରେ ୪ ବାମପନ୍ଥୀ ଦଳ ଏସ୍ୟୁସିଆଇ(କମ୍ୟୁନିଷ୍ଟ), ସିପିଆଇ (ଏମ୍ଏଲ୍) ରେଡ୍ଷ୍ଟାର, ସିପିଆଇ (ଏମ୍ଏଲ୍) ଓ ସିପିଆଇ (ଏମ୍ଏଲ୍) ନିଉ ଡେମୋକ୍ରାସି ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ଦିବସ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୭ଦଫା ଦାବି ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି।




ସିଜିମାଳି ହିଂସା ଘଟଣାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ କରାଯାଉ। ସିଜିମାଳି, ପାଟଣା ଓ ଲାଞ୍ଜିବେର୍ଣ୍ଣା ସମେତ ଭିଟାମାଟିର ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ଦମନ ତୁରନ୍ତ ବନ୍ଦ କରାଯାଉ। ସମସ୍ତ ଆନ୍ଦୋଳନକାରୀଙ୍କ ବିରୋଧରେ ଦାଏର ସମସ୍ତ ମିଥ୍ୟା ମାମଲା ହଟାଯାଉ ଓ ଗିରଫ ଲୋକମାନଙ୍କୁ ମୁକ୍ତ କରାଯାଉ। ସିଜିମାଳିରେ ବେଦାନ୍ତର ବକ୍ସାଇଟ ଖଣି ପ୍ରକଳ୍ପକୁ ବାତିଲ କରାଯାଉ। ପରିବେଶ ଓ ଲୋକଙ୍କ ଜୀବନ ଜୀବିକାର ସୁରକ୍ଷାକୁ ନିଶ୍ଚିତ କରିବା ସହ ବିକାଶ

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ନାଁରେ ବଳପୂର୍ବକ ଜମି ଅଧିଗ୍ରହଣ ବନ୍ଦ କରାଯାଉ। ୫ମ ଅନୁସୂଚୀ ଅଞ୍ଚଳରେ ଗ୍ରାମସଭାର ପୂର୍ବ, ସଚେତନ ଏବଂ ସ୍ୱଷ୍ଟ ସମ୍ମତି ବିନା ଅନୁମୋଦିତ ସମସ୍ତ ପ୍ରକଳ୍ପକୁ ବାତିଲ କରାଯାଉ। ପାଟଣା (କେନ୍ଦୁଝର) ଓ ଲାଞ୍ଜିବେର୍ଣ୍ଣା (ସୁନ୍ଦରଗଡ଼)ରେ ଶିଳ୍ପ ପାଇଁ ଲୋକଙ୍କ ଜମି ଓ ଜଙ୍ଗଲକୁ ବଳପୂର୍ବକ ଅଧିଗ୍ରହଣ ଓ ବିସ୍ଥାପନ ବନ୍ଦ କରାଯାଉ। ମାଳି ପର୍ବତ (ସେମିଳିଗୁଡା), ସେରୁବନ୍ଧ (ପଟାଙ୍ଗି), କୁଟ୍ରୁମାଳି (କାଶିପୁର) ଓ ବାଳଦା (ନନ୍ଦପୁର) ଆଦିରେ ସ୍ଥାନୀୟ ଲୋକଙ୍କ ଭିଟାମାଟିକୁ ଧ୍ୱଂସ କରିବାକୁ ଯାଉଥିବା ଖଣି ଖନନ ପ୍ରକଳ୍ପଗୁଡିକୁ ବାତିଲ କରାଯିବାକୁ ଦାବି ହୋଇଛି। ଏହି ବିକ୍ଷୋଭ ପ୍ରଦର୍ଶନରେ ଏସ୍ୟୁସିଆଇ କମ୍ୟୁନିଷ୍ଟ ଖୋର୍ଦ୍ଧା ସମ୍ପାଦକ ଅଶୋକ ସାହୁ, ଶ୍ରୀକାନ୍ତ ନାୟକ, କାର୍ତ୍ତିକ ଘଡ଼େଇ, ଜୟନ୍ତ ମହାନ୍ତି, ସଂଘମିତ୍ରା ମହାପାତ୍ର, ପ୍ରଶାନ୍ତ ରାଉତରାୟ, ଅଶୋକ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ଗିରଫଦାରି ବନ୍ଦ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।

# ଆରୋପ ପ୍ରତ୍ୟାରୋପ ନେଇ ସାଇବର ଥାନାରେ ଏତଲା

## ବିଧାୟକ ପ୍ରଶାନ୍ତ ଜଗଦେବ ଓ କଂଗ୍ରେସ ନେତ୍ରୀ ସୋନାଲି ସାହୁଙ୍କ ମଧ୍ୟରେ ବିବାଦ ଘଟଣା

ଖୋର୍ଦ୍ଧା,୧୭।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ କଂଗ୍ରେସ ନେତ୍ରୀ ସୋନାଲି ସାହୁଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ଆରୋପ ପ୍ରତ୍ୟାରୋପକୁ ନେଇ ଅଭିଯୋଗ ଏବେ ସାଇବର ଥାନାରେ ପହଞ୍ଚିଛି। ଏହି ପ୍ରସଙ୍ଗକୁ ନେଇ ଭାଜପା ଓ କଂଗ୍ରେସ କର୍ମୀ ଏକପ୍ରକାର ମୁହାଁମୁହିଁ ହୋଇଛନ୍ତି।

ଶୁକ୍ରବାର ଅପରାହ୍ନ ୫ଟାରେ ନଗର କଂଗ୍ରେସ କମିଟି ପକ୍ଷରୁ ନଗର ସଭାପତି ରଣଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ବିଧାୟକ ଜଗଦେବଙ୍କ ନାଁରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତ୍ରୀ ସୋନାଲି ସାହୁଙ୍କ ବ୍ୟକ୍ତିଗତ, ଚରିତ୍ର ଏବଂ ଧର୍ମ ଆଧାରିତ ବିବାହକୁ ନେଇ ବିଧାୟକ ଜଗଦେବ ବୈଦ୍ୟୁତିକ ଗଣମାଧ୍ୟମରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଉପରେ ବିଧାୟକଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ କରି ତଦନ୍ତ କରିବାକୁ ନଗର କଂଗ୍ରେସ କମିଟି ଦାବି କରିଛି। ସେହିପରି ପୂର୍ବରୁ ସୋସିଆଲ ମିଡିଆରେ ବିଧାୟକ ଜଗଦେବଙ୍କ ବିରୋଧରେ ଅପପ୍ରଚାର, ମିଥ୍ୟା ଆରୋପ, ଆଶାଳୀନ ମନ୍ତବ୍ୟ ସହ ଅସମ୍ମାନ କରାଯାଉଥିବା ଅଭିଯୋଗ ଆଣି ଭାଜପାର ଶତାଧିକ କର୍ମୀ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ କଂଗ୍ରେସ ନେତ୍ରୀ ସୋନାଲି ସାହୁ କହିଛନ୍ତି, ଜଣେ ରାଜନୈତିକ ଦଳର ନେତ୍ରୀଭାବେ ଶାସକଦଳ, ବିଧାୟକଙ୍କୁ ସମାଲୋଚନା କରିବା ନୈତିକ ଅଧିକାର। ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଭାଜପା ଜଣେ ନାରୀ ପ୍ରତି କିଭଳି ସମ୍ମାନ ପ୍ରଦର୍ଶନ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଧାୟକଙ୍କ ଆଶାଳୀନ ମନ୍ତବ୍ୟ ବିରୋଧରେ ଆଇନର ଆଶ୍ରୟ ନେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ବିଧାୟକ ଜଗଦେବଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ



ବେଗୁନିଆ,୧୭।୪(ସନ୍ଧ୍ୟାରାଣୀ ମିଶ୍ର)

ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ବେଗୁନିଆ ବ୍ଲକ ବିଜୁ ପଟ୍ଟନାୟକ ପାର୍କ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ପାର୍କ ପରିସରରେ ଥିବା ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବୋଲଗଡ଼ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝିଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ହୋଇଥିଲା। ଏଥିରେ ବିଧାୟକ ପ୍ରଦୀପ ସାହୁ, ବେଗୁନିଆ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ବେହେରା, ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଜିଲାପରିଷଦ ସଦସ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସରପଞ୍ଚ ଜୟନ୍ତୀ ପ୍ରଧାନ, ଯାଗେଶ୍ୱର ମାଝୀ, ଭଗବାନ ପଣ୍ଡା, ବଂଶୀଧର ସାହୁ, ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ଲାବଣ୍ୟ ଜୟସିଂହ, ରତ୍ନାକର ମହାପାତ୍ରଙ୍କ ସମେତ ବେଗୁନିଆ ନିର୍ବାଚନ ମଣ୍ଡଳୀର ବହୁ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଶତାଧିକ କର୍ମୀ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକ ବହୁମୁଖୀ ପ୍ରତିଭାର ଅଧିକାରୀ ହୋଇଥିବା ବେଳେ ତାଙ୍କର ଓଡ଼ିଶା ପ୍ରତି ଅନନ୍ୟ ଅବଦାନ ରହିଥିଲା ବୋଲି ମତପ୍ରକାଶ ପାଇଥିଲା।

# ବଜରଙ୍ଗବାଲି କ୍ଲବ୍ ଘାଟିକିଆ ଚାମ୍ପିୟନ

## ରାତ୍ରିକାଳୀନ ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୧୭।୪(ପ୍ରଭାତ ପାଣିଗ୍ରାହୀ)

ତରତୁଆ ରାଇଜିଂଷ୍ଟାର ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ରାତ୍ରିକାଳୀନ ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବଜରଙ୍ଗବାଲି କ୍ଲବ ଘାଟିକିଆ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ରାଇଜିଂଷ୍ଟାର କ୍ଲବ ତରତୁଆ, ଅହମଦିଆ ସ୍ପୋର୍ଟ୍ସ କ୍ଲବ କେରଙ୍ଗ, ଏସ୍.କେ କ୍ଲବ ବ୍ରହ୍ମପୁର, ଏ.ଜେ କ୍ଲବ ପାଇକତିଗିରିଆ, ଏସ୍.ଏସ୍ କ୍ଲବ ଶରଧାପୁର, ଫ୍ରେଣ୍ଡସ ପାରାଡାଇଜ ଜଟଣୀ, ବଜରଙ୍ଗବାଲି କ୍ଲବ ଘାଟିକିଆ ଏବଂ ପ୍ରିନ୍ସ କ୍ଲବ ଖୋର୍ଦ୍ଧା ମୋଟ ଆଠଟି ଟିମ୍ ଅଂଶଗ୍ରହଣ କରିଥିଲେ। ତେବେ ଫାଇନାଲ ମ୍ୟାଚ୍ ଏସ୍.ଏସ୍ କ୍ଲବ ଶରଧାପୁର ଏବଂ ବଜରଙ୍ଗବାଲି କ୍ଲବ ଘାଟିକିଆ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଫଳରେ ଟ୍ରାଇବେକରରେ ୫-୪ ଗୋଲରେ ବଜରଙ୍ଗବାଲି କ୍ଲବ ଘାଟିକିଆ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମିର୍ଜା ଅଲିବେଗ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନରେ ସୁଶାନ୍ତ ମିଶ୍ର ଏବଂ ଚିତ୍ତରଞ୍ଜନ ପରିଡା ସହଯୋଗ କରିଥିଲେ। ମ୍ୟାଚ କମିଶନର ଭାବେ ଜମିର ଖାଁ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ନାଳିପଡ଼ା-ଅର୍ଜୁନପୁରର ସରପଞ୍ଚ ସୂର୍ଯ୍ୟପ୍ରସାଦ ମହାନ୍ତି, ସମ୍ମାନିତ ଅତିଥିଭାବେ କୃଷ୍ଣଚନ୍ଦ୍ର ମହାନ୍ତି, ସରିଫ ଖାଁ, ଶାହିଦ ଖାଁ, ନସିମ ଖାଁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଟିମ୍‌କୁ ୭୦୦୦ ଏବଂ ରନରଅପ୍ ଟିମ୍‌କୁ ୫୦୦୦ ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ଅମଜାଦ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ। ରାଇଜିଂଷ୍ଟାର କ୍ଲବ ତରତୁଆ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

**୨୧ରେ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ**

ପୁରୀ,୧୭।୪(ଅଜିତ୍ କୁମାର ମହାନ୍ତି)- ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ସଦସ୍ୟ ଏବଂ ଆଦିତ୍ୟ ବାହିନୀର ପ୍ରାକ୍ତନ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଆଲୋଚନା କରିଥିଲେ। ବୈଶାଖ ଶୁକ୍ଳ ପଞ୍ଚମୀ ଆସନ୍ତା ୨୧ ତାରିଖ ମଙ୍ଗଳବାର ଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୩୩ତମ ଜୟନ୍ତୀ ଉତ୍ସବ ପାଳନ ହେବ। ଉକ୍ତ ଦିନ ଅପରାହ୍ନ ୩ଟାରେ ତାଙ୍କର ଚଳନ୍ତି ପ୍ରତିମାଙ୍କୁ ନଗର ପରିକ୍ରମା ପୂର୍ବକ ଶୋଭାଯାତ୍ରାରେ ଶ୍ରଦ୍ଧା, ଭକ୍ତି, ସୁମନ ଅର୍ପଣ କରାଯିବ ବୋଲି ସୂଚନା ଓ ଲୋକ ସମ୍ପର୍କ ସଚିବ ଦେବାଶିଷ ମିଶ୍ର କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୪।୨୦୨୬

| ୫,୫୨,୫୦୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ସାଗର ବିଜେ ନୀତି ସମ୍ପନ୍ନ

ପୁରୀ,୧୭।୪(ଅଜିତ୍ କୁମାର ମହାନ୍ତି)

ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଛି। ବୈଶାଖ ଅମାବାସ୍ୟା ଅବସରରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ସକାଳ ଧୂପ ସମ୍ପନ୍ନ ହୋଇ ପାଣିପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରାଇଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହି କରାଯାଇଥିଲା। ଆରତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡ଼ା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ପରେ ଠାକୁରଙ୍କୁ ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

ପୁରୀ,୧୭।୪(ଅଜିତ୍ କୁମାର ମହାନ୍ତି)



ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଡଙ୍ଗାକୁ ଚାପ ଖେଳ ପାଇଁ ପ୍ରସ୍ତୁତ କରାଯାଉଛି ।

ଆସନ୍ତା ୨୦ରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହେବା ସହ ରଥଖଳାରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯିବ। ମହାପ୍ରଭୁଙ୍କ ୨୧ଦିନିଆ ବାହାର ଚନ୍ଦନ ଯାତ୍ରା ନିମନ୍ତେ ପ୍ରଶାସନଠାରୁ ଆରମ୍ଭକରି ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ତିଥିରେ ଭୋଇ ସେବକମାନେ ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରୁ ନନ୍ଦା, ଭଦ୍ରା ସହ ବୈଜୟନ୍ତୀ ଆଦି ଡଙ୍ଗାକୁ ପାଣିରୁ କାଢ଼ି କୂଳକୁ ଆଣିଥିଲେ। ସେହିପରି ରଥ ନିର୍ମାଣ ନିମନ୍ତେ ଶ୍ରୀନଅର ସମ୍ମୁଖରେ ଅସ୍ଥାୟୀ ରଥଖଳା ନିର୍ମାଣ କାର୍ଯ୍ୟ ଭୋଇସେବକ ଶେଷ କରିଛନ୍ତି। ଅପରପକ୍ଷେ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନରେନ୍ଦ୍ର ଚକଡ଼ାଠାରେ ବିଭିନ୍ନ କାର୍ଯ୍ୟ କରାଯିବା ସହ ନନ୍ଦା, ଭଦ୍ରା ଦୁଇ ଚାପଡଙ୍ଗାର ମରାମତି କାର୍ଯ୍ୟ ଆଦି ମହାରଣା ସେବକଙ୍କ ପକ୍ଷରୁ କରାଯାଉଛି। ଚନ୍ଦନ ଚକଡ଼ା ଓ ନରେନ୍ଦ୍ର ପୁଷ୍କରିଣୀକୁ ସୁସଜ୍ଜିତ କରାଯାଉଛି। ମହାରଣା ସେବକମାନେ ଦୁଇ ଦୁଇଟି ଡଙ୍ଗାକୁ ଯୋଡ଼ି ନନ୍ଦା ଓ ଭଦ୍ରା ଡଙ୍ଗା ପ୍ରସ୍ତୁତ କରିଛନ୍ତି। ପଟାବାଡ଼ିଆ କାର୍ଯ୍ୟ ଜାରି ରହିଛି। ପଟାବାଡ଼ିଆ ପରେ ହଂସପଟା ବାଡ଼ିଆ ହେବ। ସେହିପରି ଚିତ୍ରକର ସେବକଙ୍କ ପକ୍ଷରୁ ଚନ୍ଦନ ଚକଡ଼ାରେ ରଙ୍ଗକାର୍ଯ୍ୟ କରାଯାଉଛି।

ଭୋଇ ସର୍ଦ୍ଦାର ରବି ଭୋଇ କହିଛନ୍ତି, ଅକ୍ଷୟ ତୃତୀୟା ପାଇଁ କାର୍ଯ୍ୟ ଜାରି ରହିଛି। ଚାପ ଡଙ୍ଗା ନିର୍ମାଣରେ ଭୋଇସେବକ ନିୟୋଜିତ ରହିଛନ୍ତି। ୪ଟି ଡଙ୍ଗାକୁ ଆଣି ଚନ୍ଦନ ମଣ୍ଡପ ନିକଟରେ ରଖାଯାଇଥିଲା। ପରେ ଡଙ୍ଗାରେ ଧାରଣା ପଡ଼ିଛି। ପଟାବାଡ଼ିଆ କାର୍ଯ୍ୟ କରାଯାଇଛି। ପରେ ମୁଣ୍ଡୁଳି ଉଠିବ। ଅକ୍ଷୟ ତୃତୀୟା ପୂର୍ବରୁ ହଂସ ଲାଗିବ ବୋଲି ଭୋଇ ସେବକ କହିଛନ୍ତି।

ଚିତ୍ରକର ସେବକ କହିଛନ୍ତି, ଚନ୍ଦନ ଯାତ୍ରାକୁ ଆଉ ଅଳ୍ପଦିନ ବାକିଥିବା ବେଳେ ରଙ୍ଗକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚନ୍ଦନ ମଣ୍ଡପ, ପାଣି ଚାରି, ରାମକୃଷ୍ଣ ମନ୍ଦିର, ପଞ୍ଚପାଣ୍ଡବ ମନ୍ଦିର, ଜଗମୋହନ ଆଦିର ରଙ୍ଗ କରାଯାଉଛି। ଏଥିସହ ଚାପଡଙ୍ଗା ରଙ୍ଗ କରାଯିବ ବୋଲି କହିଛନ୍ତି।

# ଜିଲାସ୍ତରୀୟ ନିଯୁକ୍ତି ମେଳା



ନିଯୁକ୍ତି ମେଳାରେ ଯୋଗ ଦେଇଥିବା ଅଧିକାରୀମାନେ ।

ପୁରୀ,୧୭।୪(ଅଜିତ୍ କୁମାର ମହାନ୍ତି)

ଜିଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ତାଳବଣିଆ ଆଇଟିଆଇ ପଡ଼ିଆଠାରେ ମେଗା ବା ବୃହତ୍ ନିଯୁକ୍ତି ମେଳା ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଉଦ୍‌ଘାଟନ କରିବା ସହ ନିଯୁକ୍ତି ମେଳା ମାଧ୍ୟମରେ ବେରୋଜଗାର ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ସହ ସେମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ସହାୟକ ହେଉଛି ବୋଲି କହିଥିଲେ। ସରକାରଙ୍କ ଲକ୍ଷ୍ୟ ଯୁବବର୍ଗ ସେମାନଙ୍କ ଯୋଗ୍ୟତା ଅନୁସାରେ ଆତ୍ମନିର୍ଭର ହୁଅନ୍ତୁ। ବର୍ତ୍ତମାନ ସମୟରେ ଯୁବବର୍ଗଙ୍କ ପାଇଁ ଅନେକ ସୁବିଧା ସୁଯୋଗ ରହିଛି। ସେମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇପାରିବେ ବା ନିଜେ ତାଲିମ୍ ନେଇ ଜଣେ ସଫଳ ଉଦ୍ୟୋଗପତି ହୋଇ ଅନ୍ୟମାନଙ୍କୁ ନିଯୁକ୍ତି ଦେଇପାରିବେ ବୋଲି ସେ ସୂଚନା ଦେଇଥିଲେ।

ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୁରୀର ଅଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ର କୃଷ୍ଣପ୍ରସାଦର ଅଧ୍ୟକ୍ଷ ଚନ୍ଦ୍ରଶେଖର ସୁନ୍ଦରାୟ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ରୁଆର ଅଧ୍ୟକ୍ଷ ଦୀପ୍ତି ମିଶ୍ର ପ୍ରମୁଖ ଯୋଗଦେଇ ନିଯୁକ୍ତି ମେଳାରେ ଯୁବବର୍ଗ ଯୋଗଦେଇ ନିଜ ଯୋଗ୍ୟତା ଓ ଦକ୍ଷତା ଆଧାରରେ ନିଜକୁ ପ୍ରତିପାଦିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଧର୍ମାନନ୍ଦ ବେହେରା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେକ୍ସନ ଅଫିସର ପୁଷ୍ପଲତା ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ନିଯୁକ୍ତି ମେଳା ପରିଚାଳନାରେ ସହଯୋଗ କରିଥିଲେ। ନିଯୁକ୍ତି ମେଳାରେ ୩୯ଟି ବେସରକାରୀ ସଂସ୍ଥା ଓ ୧୦ଟି ପିଆଇଏ(ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟିଂ ଏଜେନ୍ସି) ଅଂଶଗ୍ରହଣ କରିଥିଲେ। ଏଥିରେ ୧୮୬୨ ଜଣ ପଞ୍ଜୀକରଣ କରିଥିବା ବେଳେ ବିଭିନ୍ନ କମ୍ପାନୀ ୧୧୮୯ ଜଣଙ୍କୁ ଶର୍ଟଲିଷ୍ଟ କରିଥିଲା। ସେମାନଙ୍କ ମଧ୍ୟରୁ ତତ୍‌କ୍ଷଣାତ୍ ୧୦୧ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ୫୪୭ ଜଣଙ୍କୁ ଦକ୍ଷତା ବିକାଶ ତାଲିମ ପାଇଁ ପିଆଇଏମାନେ ମନୋନୀତ କରିଥିଲେ।

# ୧୦୦ରୁ ଉର୍ଦ୍ଧ୍ୱ ଅଳଙ୍କାର ଗଣତି

ପୁରୀ,୧୭।୪(ଅଜିତ୍ କୁମାର ମହାନ୍ତି)

**ଭିତର ରତ୍ନଭଣ୍ଡାରର ତୃତୀୟ ଦିନର ଗଣତି ଶେଷ**

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଭିତର ରତ୍ନଭଣ୍ଡାରର ଅଳଙ୍କାର ଗଣତି କାର୍ଯ୍ୟ ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟର ଗଣତି କାର୍ଯ୍ୟ ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ୧୯୭୮ ମସିହା ତାଲିକାକୁ ମେଳକ କରାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ଯାହା ବି ଅଳଙ୍କାର ଗଣତି କରାଯାଇଛି ତାହା ନିର୍ଭୁଲ ଭାବେ କରାଯାଇଛି। ସିନ୍ଦୁକପୂର୍ଣ୍ଣ ହେବା ପରେ ତାହାକୁ ତାଲା ପକାଇ ରଖାଯାଉଛି। ୧୮ ତାରିଖ ପର୍ଯ୍ୟନ୍ତ ଗଣତି କରାଯିବ। ଗଣତି ପ୍ରକ୍ରିୟା ଶେଷ ହେବା ପରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ। ସେହିପରି ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର କହିଛନ୍ତି, ସମସ୍ତ କାର୍ଯ୍ୟ ସ୍ୱଚ୍ଛତାର ସହ କରାଯାଉଛି। ୩ୟ ଦିନରେ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନଅଳଙ୍କାର ମଧ୍ୟରୁ ୧୦୦ରୁ ଉର୍ଦ୍ଧ୍ୱ ଅଳଙ୍କାର ଗଣତି କାର୍ଯ୍ୟ ଶେଷ ହୋଇଛି । ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି, ମାର୍ଗଦର୍ଶିକା ଅନୁଯାୟୀ ଗଣତି କାର୍ଯ୍ୟ କରାଯାଉଛି। ମଧ୍ୟାହ୍ନ ୧୨ଟା ୪୮ରୁ କାମ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ୪୮ରେ ଶେଷ ହୋଇଥିଲା। ମହାପ୍ରଭୁଙ୍କ ଆଶୀର୍ବାଦରେ କାର୍ଯ୍ୟ ସୁଚାରୁରୂପେ କରାଯାଉଛି ବୋଲି ରଥ ମତବ୍ୟକ୍ତ କରିଛନ୍ତି।





ସରକାର ତୁରନ୍ତ ପଟ୍ଟା ପ୍ରଦାନ କରିବାକୁ ପୁରୀର ବିଜୟନଗର ବସ୍ତି ବାସିନ୍ଦା ଶୁକ୍ରବାର ଖବରଦାତା ସମ୍ମିଳନୀରେ ଦାବି ଉପସ୍ଥାପନ କରୁଛନ୍ତି ।

## ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି

ପୁରୀ,୧୭।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଶୁକ୍ରବାର ବଡ଼ ମହାସ୍ନାନ ଅନୁଷ୍ଠିତ ହୋଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ଭିତର ଶୋଧ ସହ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ପରେ ମଙ୍ଗଳ ଆଳତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ମହିଳା ଭକ୍ତଙ୍କ ସାତପାହାଚ ଦେଇ ଯାଉଥିବା ସମୟରେ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଫଳରେ ତାଙ୍କ ଗୋଡ଼ରୁ ରକ୍ତ ଭିତର କାଠ ନିକଟରେ ପଡ଼ିଥିବା ଅନୁମାନ କରାଯାଉଛି। ଭିତର କାଠ ନିକଟରେ ରକ୍ତଛିଟା ପଡ଼ିଥିବା ସେବାୟତଙ୍କ ଦୃଷ୍ଟିଗୋଚର ହେବା କ୍ଷଣି ସମସ୍ତ ନୀତି ବନ୍ଦ କରାଯିବା ସହ ସର୍ବସାଧାରଣ ଦର୍ଶନ ମଧ୍ୟ ବନ୍ଦ କରାଯାଇଥିଲା। ପରେ ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସକାଳ ୭ଟା ୪୦ରେ ଧୂଆଧୋଇ ହୋଇ ଚୂନପାଣି ପଡ଼ିଥିଲା। ମହାସ୍ନାନ ପୂଜା ୭ଟା ୫୦ରୁ ଆରମ୍ଭହୋଇ ୮ଟା ୫ରେ ଶେଷ ହୋଇଥିଲା। ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

## ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ପୁରୀ,୧୭।୪(ଅଜିତ୍ କୁମାର ମହାନ୍ତି)

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ପୁରୀରେ ନୂତନ ଶିଶୁ ମଙ୍ଗଳ କମିଟିର ସଦସ୍ୟମାନେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୂତନ ସିଡବ୍ଲୁସିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ପୂର୍ବତନ ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ରଙ୍କଠାରୁ ଶୁକ୍ରବାର ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ସାହୁଙ୍କ ସମେତ ଅନ୍ୟ ସଦସ୍ୟା/ସଦସ୍ୟ ଶକ୍ତିପାଦ ମିଶ୍ର, ଦୀପ୍ତି ଦାସ, ବିଜୟଲକ୍ଷ୍ମୀ ମହାନ୍ତି, ସୌଭାଗ୍ୟ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ପୂର୍ବତନ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସଦସ୍ୟା ଲକ୍ଷ୍ମୀପ୍ରିୟା ପାତ୍ର ଉପସ୍ଥିତ ରହି ଗତବର୍ଷଗୁଡ଼ିକର କାର୍ଯ୍ୟ, ଅଭିଜ୍ଞତା ପରିପ୍ରକାଶ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଦାୟିତ୍ୱ ହସ୍ତାନ୍ତର, ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ରୋଜାଲିନ ପାତ୍ର, ସନ୍ତୋଷ ସାହୁ, ସ୍ନିଗ୍ଧାରାଣୀ ସାହୁ, ହରେକୃଷ୍ଣ ସାହୁ, ଚାଇଲ୍ଡ ହେଲ୍ପ ଲାଇନ କାର୍ଯ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ କହିଛନ୍ତି, ଶିଶୁଙ୍କୁ ଯତ୍ନ, ସୁରକ୍ଷା ଏବଂ ପରିବାର ଯୋଗାଇଦେବା କମିଟିର ପ୍ରାଥମିକତା ହେବ। ବିପରୀତ ପରିସ୍ଥିତିରେ ଥିବା ଶିଶୁଙ୍କ ଥଇଥାନ ପାଇଁ ମୋବାଇଲ୍ ନଂ-୬୩୭୨୨୨୨୬୬୪ରେ ତୁରନ୍ତ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ

ପୁରୀ,୧୭।୪(ଅଜିତ୍ କୁମାର ମହାନ୍ତି)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ଦିବସ ଅବସରରେ ପୁରୀ ବିଜେଡି ତରଫରୁ ପାଳନ କରାଯାଇଛି। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ମେଡିକାଲ ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତୃତ୍ୱ ସୁରେନ୍ଦ୍ରନାଥ ନାୟକ, ପ୍ରକାଶ ମିଶ୍ର, ବିରେନ ହୋତା, ଭକ୍ତ ଚରଣ ଦାସ, ଶାନ୍ତିଲତା ପ୍ରଧାନ,ପୁଷ୍ପାଞ୍ଜଳି ରଣା, ରଞ୍ଜିତା ମହାନ୍ତି, ଘନଶ୍ୟାମ ମର୍ଦ୍ଧରାଜ, ବିଶ୍ୱନାଥ ଚିନେରା, ଓଡ଼ିକ୍ରୀଷ୍ଣା ରାଓ, ବିଜୟକୃଷ୍ଣ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଛାତ୍ର ସଭାପତି ରାଜେଶ ରଥ, ତାପସ ପଟ୍ଟନାୟକ, ଶିବ ରଣା, ସରୋଜ ନାୟକ, ଶକ୍ତି ରଥ, ଗୌରବ ମିଶ୍ରଙ୍କ ସହ ବହୁ ଯୁବଛାତ୍ର ଯୋଗ ଦେଇଥିଲେ। ନଗର ସଭାପତି ରମେଶ ପ୍ରହରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତେ ଏକତ୍ରିତ ହୋଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପଦାନ କରିଥିଲେ।

# 'ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ଉପାଧି ଦିଆଯାଉ'

ସାକ୍ଷୀଗୋପାଳ, ୧୭।୪ (ଭରତ ରାଉତ/ କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ୍)

କାଦୁଆ ମେଳଣ ପଡ଼ିଆରେ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଥିଲା। ସଭାରେ ସତ୍ୟବାଦୀ ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ ସଭାପତିତ୍ୱରେ କରିଥିଲେ। ପୁରୀ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ମହୁରା ପଞ୍ଚାୟତ ସମିତି ସଭ୍ୟ ପ୍ରେମାନନ୍ଦ ବେହେରା, ନରେନ୍ଦ୍ରପୁର ସରପଞ୍ଚ ଗୌରାଙ୍ଗ ମଲ୍ଲିକ, ବିଦ୍ୟାଧରପୁର ସରପଞ୍ଚ ଦୁଃଶାସନ ପ୍ରଧାନ, ପେଣ୍ଠପଡାର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ମହାପାତ୍ର, ଶୁକଳ ସମିତିସଭ୍ୟ ବସନ୍ତ ପ୍ରଧାନଙ୍କ ସହ ବହୁ ବିଜୁପ୍ରେମୀ ଯୋଗଦେଇଥିଲେ। ସେହିପରି ସତ୍ୟବାଦୀ ବିଜୁ ମଣ୍ଡପରେ ବିଜୁ ସ୍ମୃତି ସଂସଦ ପକ୍ଷରୁ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ଅନନ୍ତ ମହାପାତ୍ର ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନୀଳାଚଳ କୃଷକ ମହାସଂଘର ଉପଦେଷ୍ଟା ନିରଞ୍ଜନ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ଘଟୁଆରୀ ଯୋଗଦେଇଥିଲେ। ଅତିଥି ଓ ସଦସ୍ୟମାନେ ବିଜୁବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ତାଙ୍କୁ ମରଣୋତ୍ତର ଭାରତ ରତ୍ନ ଦେବାକୁ ଦାବି କରିଥିଲେ। ସମ୍ପାଦକ ରବୀନ୍ଦ୍ରନାଥ ଶତପଥୀ, ନାରାୟଣ ରାଉତରାୟ, ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ, ସଂଗ୍ରାମ ସ୍ୱାଇଁ, ବ୍ରଜକିଶୋର ବରାଳ ଓ କୈଳାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚଙ୍କୁ ଥାନା ଆଗରେ ଆକ୍ରମଣ

ଗୋପ,୧୭।୪(ଭାରତୀ ଭୂଷଣ ଉପାଧ୍ୟାୟ)

ମହିଳାଙ୍କୁ ଅସଦାଚରଣ ଅଭିଯୋଗ ଉପରେ ପୋଲିସ ଏକପାଖିଆ କାର୍ଯ୍ୟାନୁଷ୍ଠାନକୁ ନେଇ ଶୁକ୍ରବାର ରାତ୍ର ସାଢ଼େ ୭ଟାରେ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ଥାନା ଗେଟ୍ ସମ୍ମୁଖରେ କେତେଜଣ ମହିଳା ଆକ୍ରମଣ କରିଛନ୍ତି। ପୂର୍ବତନ ସରପଞ୍ଚ ତାଙ୍କର ବାଇକ୍ ଛାଡ଼ି ଥାନା ଭିତରକୁ ପଳାଇ ଯାଇଥିଲେ। ମହିଳାମାନେ ତାଙ୍କ ନାମରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଏପରି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଉଭୟ ପକ୍ଷରୁ ଦୁଇଟି ପୃଥକ ଅଭିଯୋଗ ହୋଇଛି। ମହିଳାଙ୍କ ପକ୍ଷରୁ ଅଭିଯୋଗରେ କମେଣ୍ଟ ମାରିବା ଓ ବୋମାମାଡ଼ ଘଟଣା ମିଛ ବୋଲି ଅଭିଯୋଗ କରାଯାଇଥିବା ବେଳେ କୌଣସି କାରଣ ନ ଥାଇ ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ପୂର୍ବତନ ସରପଞ୍ଚ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ମହିଳାମାନେ ଥାନା ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# 'ଭାଷା ହିଁ ସଂଯୋଗର ସେତୁବନ୍ଧ'





ପାଠଚକ୍ରରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ନିମାପଡ଼ା,୧୭।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରରେ ଓଡ଼ିଆପକ୍ଷର ସମନ୍ୱୟ ଅଧିକାରୀ ଅଧ୍ୟାପକ ଡ. ନଳିନୀ ପଟ୍ଟନାୟକ ଅଧ୍ୟକ୍ଷତା ଏବଂ ଅଧ୍ୟାପିକା ଡ. ସଂଯୁକ୍ତା ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ତଥା ଆଲୋଚକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ପ୍ରଫେସର ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥିଭାବେ ନିମାପଡ଼ା କଲେଜ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡ. ଅଜୟକୁମାର ବେହେରା ପ୍ରମୁଖ ଯୋଗଦେଇ କହିଥିଲେ, ଭାଷାକୁ ନେଇ ଜାତି ଗଠନ ହୋଇଥାଏ। ଭାଷା ହିଁ ସଂଯୋଗର ସେତୁବନ୍ଧ। ଭାଷା ବ୍ୟକ୍ତିକୁ ସମାଜ ସହ, ସମାଜକୁ ରାଷ୍ଟ୍ର ସହ ଏବଂ ରାଷ୍ଟ୍ରକୁ ବିଶ୍ୱ ସହ ସଂଯୋଗ କରିଥାଏ। ଭାଷା ଏକ ଅଭ୍ୟାସ ଓ ଶୃଙ୍ଖଳାର ମାନଦଣ୍ଡ। ସୃଜନଶୀଳତା ମାଧ୍ୟମରେ ସାହିତ୍ୟକୁ ସମୃଦ୍ଧ କରାଯାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଡ. ସୁକାନ୍ତ କୁମାର ବାରିକ, ଅଜୟ ଦାସ, ପ୍ରେମରାଜ ଗହୀର, ଡ. ବିଷ୍ଣୁପ୍ରସାଦ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ପାଠଚକ୍ରରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# 'ଓଡ଼ିଶା ପ୍ରତି ବିଜୁବାବୁଙ୍କ ଅବଦାନ ଅତୁଳନୀୟ'

ପିପିଲି,୧୭।୪(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଡେଲାଙ୍ଗ-ପିପିଲି ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ପିପିଲିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ପିପିଲି ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ନେତ୍ରୀ ବାସନ୍ତୀ ସାହୁ, ଡେଲାଙ୍ଗ ବ୍ଲକ୍ ଉପାଧ୍ୟକ୍ଷ ଦୁର୍ବାସା ନିଶାଙ୍କ, ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଏନ୍‌ଏସି ବିଜେଡି ସଭାପତି ଶରତ ବେହେରା, ବିଶ୍ୱଜିତ ଦାଶଙ୍କ ସହ କର୍ମୀମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଓଡ଼ିଶା ପ୍ରତି ବିଜୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି ନେତୃବୃନ୍ଦ କହିଥିଲେ। ଦଳ ପକ୍ଷରୁ ମଙ୍ଗଳପୁର ଓ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଏବଂ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା।

## ବିଜୁ ବାବୁଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ

ଅସ୍ତରଙ୍ଗ/କାକଟପୁର, ୧୭।୪ (ମମତା ଜେନା/ ପ୍ରଦୀପ୍ତ ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ଅସ୍ତରଙ୍ଗ ବିଜେଡି ଏବଂ କାକଟପୁର ପଦ୍ମଚରଣ ସାମନ୍ତସିଂହାର ଟ୍ରଷ୍ଟ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କାକଟପୁର ବ୍ଲକ ବିଜେଡି ସଭାପତି ପ୍ରାଣକୃଷ୍ଣ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ବିଜୁପ୍ରେମୀଙ୍କ ସହ ବିଧାୟକ ତୁଷାରକାନ୍ତି ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଜ୍ଞାନରଞ୍ଜନ ସାହୁ, ସରପଞ୍ଚ ଅଭୟ ସେଠୀ, ଶୁଭଜିତ ମଲ୍ଲ, ଗଗନ ଦାଶ, ବିଶ୍ୱଜିତ ଦାସ, ଦୀପକ ଶତପଥୀ, ପ୍ରକାଶ ମହାରଣା, ଅନ୍ନପୂର୍ଣ୍ଣା ସ୍ୱାଇଁ, ମାନସ କୁମାର ଦୀକ୍ଷିତ, ବିଘ୍ନେଶ ମହାନ୍ତି ପ୍ରମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କାକଟପୁର ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ବହୁ ନେତା ଓ କର୍ମୀ ଯୋଗଦେଇ ବିଜୁବାବୁଙ୍କ ପ୍ରତିଶ୍ରଦ୍ଧାଞ୍ଜଳିଅର୍ପଣ କରିଥିଲେ।

# ଏସ୍‌ପି ପ୍ରତୀକ ସିଂ ସମ୍ମାନିତ

ପୁରୀ,୧୭।୪(ଅଜିତ୍ କୁମାର ମହାନ୍ତି)

ଭାରତରେ ନୂତନ ଆପରାଧିକ ଆଇନଗୁଡ଼ିକ ୦୧.୦୭.୨୦୨୪ରୁ ଲାଗୁହେବା ପରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅପରାଧ ଅନୁସନ୍ଧାନର ସଫଳତା ଓ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦେଇଆସୁଛନ୍ତି। ଏହାର ପରିଣାମସ୍ୱରୂପ, ବିଭିନ୍ନ ମାମଲାରେ ତ୍ୱରିତ ତଦନ୍ତ ଓ ବିଚାର ପ୍ରକ୍ରିୟା ମାଧ୍ୟମରେ ପୀଡ଼ିତ/ପୀଡ଼ିତାଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ କରାଯାଇଛି। ଏହି ସଫଳତାକୁ ସମ୍ମାନ ଜଣାଇ ଶୁକ୍ରବାର କଟକ ପୋଲିସ ମୁଖ୍ୟାଳୟସ୍ଥିତ ଆର୍.କେ. ପାଢ଼ୀ ମେମୋରିଆଲ ହଲ୍ ଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ କେସ୍‌ଗୁଡ଼ିକର ତଦନ୍ତ ସମୟରେ ବୈଜ୍ଞାନିକ ପଦ୍ଧତି, ଡିଏନ୍‌ଏ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଉପରେ ମତବ୍ୟକ୍ତ କରିଥିଲେ। ତଦନ୍ତ ଶେଷରେ ବିଚାର ପ୍ରକ୍ରିୟାକୁ ମଧ୍ୟ ଅତ୍ୟନ୍ତ କୁଶଳତାର ସହ ପରିଚାଳନା କରାଯାଇଥିଲା। ନୂତନ ଆଇନ ପୋଲିସର ବୃତ୍ତିଗତ ଦକ୍ଷତା, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏବଂ ସାକ୍ଷ୍ୟ ପ୍ରମାଣ ସଂଗ୍ରହ ପ୍ରଣାଳୀରେ ମହତ୍ୱପୂର୍ଣ୍ଣ ସୁଧାର ଆଣିଛି। ଏହି ସମ୍ମାନ ଅବସରରେ ପୁରୀ ପୋଲିସ ପକ୍ଷରୁ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ମାମଲାର ତ୍ୱରିତ ବିଚାର, ବୈଜ୍ଞାନିକ ତଦନ୍ତ ପଦ୍ଧତିର ସଫଳ ପ୍ରୟୋଗ ଏବଂ ସମନ୍ୱିତ ପର୍ଯ୍ୟବେକ୍ଷଣ ଦ୍ୱାରା ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଥିବାରୁ ଡିଜିପି ଖୁରାନିଆଙ୍କ ଦ୍ୱାରା ଏସ୍‌ପି ପୁରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହିତ ପୁରୀ ଡିଏସ୍‌ପି କଳ୍ପନା କାଉଁରୀ ଓ କୃଷ୍ଣପ୍ରସାଦ ଥାନାଧିକାରୀ ବିଚିତ୍ର ପ୍ରଧାନଙ୍କୁ ମଧ୍ୟ ଉତ୍କୃଷ୍ଟ ତଦନ୍ତ ଓ ବିଚାର ପ୍ରକ୍ରିୟା ପାଇଁ ସମ୍ମାନିତ କରାଯାଇଥିଲା।

# କେନାଲ କାର୍ଯ୍ୟ ନିମ୍ନମାନର: ତଦନ୍ତ ଦାବି

ଗୋପ,୧୭।୪(ଭାରତୀ ଭୂଷଣ ଉପାଧ୍ୟାୟ)



ବେଗୁନିଆ ଡିଷ୍ଟ୍ରିବ୍ୟୁଟାରି କେନାଲ କାର୍ଯ୍ୟ ନିମ୍ନମାନର ହେବା ସହିତ ତଳ ଅଞ୍ଚଳକୁ ପାଣି ଯିବା ନେଇ ଅନିଶ୍ଚିତତା ଦେଖାଦେଇଛି। ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ୍ କୁମାର ପୋଥାଳଙ୍କ ନିର୍ଦ୍ଦେଶକୁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ମାନି ନ ଥିବା ଜଣାପଡ଼ିଛି। ୮୦ଲକ୍ଷରୁ ଅଧିକ ଟଙ୍କାର କାର୍ଯ୍ୟକୁ କାହିଁକି ନିମ୍ନମାନର କରାଗଲା ସେ ନେଇ ବିଧିବଦ୍ଧ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପଠାଇଛନ୍ତି।

ସୂଚନା ଅନୁଯାୟୀ, କିଛି ବର୍ଷ ହେବ ବେଗୁନିଆ ଡିଷ୍ଟ୍ରିବ୍ୟୁଟାରି କେନାଲରେ ତଳ ଅଞ୍ଚଳକୁ ପାଣି ଯାଉ ନ ଥିଲା। ଏହି କେନାଲ ଉପରେ ଗୋପ ବ୍ଲକର ବେଦପୁର, ବଡତରା, ଅଚ୍ୟୁତପୁର, ବନାଖଣ୍ଡି ଓ ମହଲପଡ଼ା ପଞ୍ଚାୟତର ଚାଷୀମାନେ ନିର୍ଭର କରନ୍ତି। ବେଗୁନିଆ ଡିଷ୍ଟ୍ରିବ୍ୟୁଟାରିର ୨୮୦ରୁ ୩୧୦ ମିଟର ପର୍ଯ୍ୟନ୍ତ କେନାଲ ପାଣି ଯାଉ ନ ଥିବା ପୂର୍ବରୁ ଅଭିଯୋଗ ଥିବାବେଳେ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ଏଷ୍ଟିମେଟ କରାଯାଇ ୮୦ ଲକ୍ଷରୁ ଅଧିକ ଟଙ୍କାର ଟେଣ୍ଡର ପ୍ରକ୍ରିୟା ହୋଇଥିଲା। ଏହି କାମ ମଧ୍ୟରେ ଗାର୍ଡ୍‌ୱାଲ ନିର୍ମାଣ ସହିତ ଅନ୍ୟ କଂକ୍ରିଟ କାର୍ଯ୍ୟ ରହିଥିଲା। ଉକ୍ତ କେନାଲ କାମକୁ ରାୟଗଡ଼ା ଅଞ୍ଚଳର ଜଣେ ଠିକାଦାର ଟେଣ୍ଡର ନେଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ କାମ କରୁଥିଲେ। ତେବେ କାମ ଆରମ୍ଭରୁ ନିମ୍ନମାନର ବାଲି, ସିମେଣ୍ଟ ଓ ରଡ୍ ବ୍ୟବହାର କରିବା ନେଇ ଅଭିଯୋଗ ଆସିବା ପରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଠିକାଦାର କୌଣସି ନିର୍ଦ୍ଦେଶ ନ ମାନି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ କରିଥିଲେ। ଏପରିକି ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଶୁଣି ନ ଥିଲେ। ଫଳରେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ, ଜଳସମ୍ପଦ ବିଭାଗର ଉଚ୍ଚପଦସ୍ଥ ଯନ୍ତ୍ରୀଙ୍କ ସହ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏ ନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀ ସଞ୍ଜୀବ ନାରାୟଣ ସାହୁ କହିଛନ୍ତି, ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଆବଶ୍ୟକତା ଅନୁସାରେ ବିଲ୍ କରାଯାଇଥିବା ବେଳେ ଅବଶିଷ୍ଟ ବିଲ୍‌କୁ ବନ୍ଦ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ବାଲୁଙ୍କେଶ୍ୱର ମନ୍ଦିରରେ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି**

ବ୍ରାହ୍ମଣଝରିଲୋ: ବାରଙ୍ଗ ବ୍ଲକ ଅନ୍ତର୍ଗତ ନଗରୀ ପଞ୍ଚାୟତ ମହାଧରପଡାସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିରରେ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବରିଷ୍ଠ ବିଜୁ ପ୍ରେମୀ ବିପ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନିଆଳି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଡ. ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ଓଡ଼ିଶା ଗଠନରେ ଅତୁଳନୀୟ ଅବଦାନ, ତାଙ୍କ ଦୃଢ଼ ନେତୃତ୍ୱ ଓ ଅପରିମିତ ସେବା ମନୋଭାବକୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ସମରେନ୍ଦ୍ର ହାତୀ, ନଳିନୀକାନ୍ତ ପଟ୍ଟନାୟକ, ଶୋଭନ ମହାପାତ୍ର, ଗଣେଶ ଚନ୍ଦ୍ର ସାହୁ, ସମୀର ସାମନ୍ତରାୟ, ତପନ ପାତ୍ର, ବେଣୁଧର ମୂଳିଆ, ବିଶ୍ୱରଞ୍ଜନ ସାହୁ, ସଂଯୁକ୍ତା ମହାପାତ୍ର ସହିତ ଅନେକ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଅଶୋକ କୁମାର ରଥ ଧନ୍ୟବାଦ ଜଣାଇଥିଲେ।

## ସଂକ୍ଷେପରେ

### ବିଶ୍ୱ ହେମୋଫିଲିଆ ଦିବସ ପାଳିତ

କଣ୍ଟାପଡା,୧୭।୪(ସୁରନାରାୟଣ ସାହୁ)

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟ ଅଧୀନ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୂନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥାନରେ ବିଶ୍ୱ ହେମୋଫିଲିଆ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ପ୍ରେକ୍ଷାଳୟରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଏସ୍‌ଭି ନିରତାରର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ସମ ହସ୍ପିଟାଲ ହେମାଟୋଲୋଜି ବିଭାଗର ବରିଷ୍ଠ ଚିକିତ୍ସକ ଡା. ହେମଲତା ଦାସ ଯୋଗଦେଇ ହେମାଟୋଲୋଜିର କାରଣ ଓ ଏହାର ନିରକରଣ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ଅନୁଷ୍ଠାନର ଡାକ୍ତର ଓ ଏଠାରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଡା. ମମତା ମଞ୍ଜରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମା'ବାସୁଳେଇ କୈବର୍ତ୍ତ ସଂଘର ବାର୍ଷିକୋତ୍ସବ

ଚୌଦ୍ୱାର,୧୭।୪(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡ ନୂଆସାହିର ମା' ବାସୁଳେଇ କୈବର୍ତ୍ତ ସଂଘର ଦଶମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମା' ବାସୁଳେଇଙ୍କ ପୂଜାର୍ଚ୍ଚନା ପରେ ସାଲେପୁର ମାଲଲେଖନପୁର ଅଞ୍ଚଳର ମାନସ କୁମାର ଦଳାଇ ଓ ସାଥୀମାନଙ୍କ ଦ୍ୱାରା ଘୋଡ଼ାନୃତ୍ୟ ପରିବେଷଣ କରାଯାଇଥିଲା। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ବିଶ୍ୱଜିତ ଭଞ୍ଜ, ଶିକ୍ଷକ ନିକୁଞ୍ଜ ପଣ୍ଡା, ଭରତ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପାରମ୍ପରିକ ଘୋଡାନାଚକୁ କୈବର୍ତ୍ତ ସଂଘ ଉଜ୍ଜୀବିତ କରି ରଖିଥିବାରୁ ଅନୁଷ୍ଠାନକୁ କୃତଜ୍ଞତା ଜଣାଇଥିଲେ। ସଂଘର ଯଦୁମଣି ଦଳାଇ, ଗିରିଧାରୀ ଦଳାଇ, ସୁଶାନ୍ତ କୁମାର ସାହୁଙ୍କ ସମେତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।

### ମହୀଧରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ସେବାମୂଳକ କାର୍ଯ୍ୟକ୍ରମ

ବ୍ରାହ୍ମଣଝରିଲୋ,୧୭।୪

କଟକ ଜିଲା ନିଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩୩ ନଂ. ଜୋନ ମହାଧରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସକୁ ଶ୍ରଦ୍ଧା ଓ ସେବାର ଭାବନାରେ ପାଳନ କରାଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଅନ୍ତେବାସୀ ଓ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ. ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ଅବସରରେ ନଗରୀ ପଞ୍ଚାୟତ ସରପଞ୍ଚ ନରୋତ୍ତମ ଦାସ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ, ଯୁବନେତା ଶୋଭନ ମହାପାତ୍ର, ବରିଷ୍ଠ ସଂଗଠକ ନଳିନୀକାନ୍ତ ପଟ୍ଟନାୟକ ଓ ସ୍ଥାନୀୟ ନାଗରିକମାନେ ଉପସ୍ଥିତ ଥିଲେ।

### ବିଧାୟକ ପଦରୁ ଇସ୍ତଫା ଦେବାକୁ ଦାବି

କଟକ,୧୭।୪(ଶିକ୍ଷା ପ୍ରିୟଦର୍ଶିନୀ)

ଭୁବନେଶ୍ୱରଠାରେ ଓଡ଼ିଶା ଜନତା କଂଗ୍ରେସ କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଦଳର କାର୍ଯ୍ୟ ପ୍ରଶଂସା କରିବା ଘଟଣାକୁ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। କଂଗ୍ରେସ ବିଗତ ଦିନରେ ସୋଫିଆଙ୍କ ବାପା ତଥା ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମଙ୍କୁ ଦୁଇଥର ଟିକେଟ ଦେଇଥିଲା ଏବଂ ସେ ବିଧାୟକ ହେଇଥିଲେ। ୨୦୨୪ ନିର୍ବାଚନର ସୋଫିଆ କଂଗ୍ରେସରୁ ଟିକେଟ ନେଇ ବିଧାୟକ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ମୋକିମଙ୍କୁ କଂଗ୍ରେସରୁ ବହିଷ୍କୃତ କରାଯାଇଥିବାବେଳେ ରାଜ୍ୟ ସଭା ନିର୍ବାଚନରେ ସୋଫିଆ କ୍ରସ୍‌ଭୋଟିଂ କରିବାରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା। ଏବେ ପୁଣି ଅନ୍ୟ ଏକ ରାଜନୈତିକ ଦଳରେ ଉପସ୍ଥିତ ରହି ଦଳର ଶୃଙ୍ଖଳା ଭଙ୍ଗ କରିଛନ୍ତି ସୋଫିଆ। ତେବେ ସେ ଅଭ୍ୟାସଗତ ବିଶୃଙ୍ଖଳାକାରୀ, ଯଦି ସୋଫିଆଙ୍କୁ ନୂଆ ଦଳରେ ସାମିଲ ହେବାରେ ଅଛି କଂଗ୍ରେସ ସହ ସମ୍ପର୍କ ତୁଟାଇ ବିଧାୟକ ପଦରୁ ଇସ୍ତଫା ଦେବା ପାଇଁ କଂଗ୍ରେସ ଯୁବନେତା ମାନସ ପରିଡ଼ା ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ମହଜୁଦ ରହିବ ୧୦ ଶଯ୍ୟା, ୨ ଆଇସିୟୁ

## ଏସ୍‌ସିବିରେ ଅଂଶୁଘାତ ମୁକାବିଲା ପ୍ରସ୍ତୁତି



- ଶିଶୁ ରୋଗୀଙ୍କ ପାଇଁ ୨ ଶଯ୍ୟା ସଂରକ୍ଷିତ
- ଡା. ଦେଶବନ୍ଧୁ ବେହେରା ନୋଡାଲ ଅଫିସର

କଟକ,୧୭।୪(କୁମାରଶ୍ରୀ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବଡ ମେଡିକାଲରେ ଶୁକ୍ରବାର ପୂର୍ବାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଅଧୀକ୍ଷକ ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମେଡିକାଲର କେଉଁ ସ୍ଥାନରେ ଅଂଶୁଘାତ ୱାର୍ଡ ଖୋଲାଯିବ, ରୋଗୀ ସଂଖ୍ୟା ବୃଦ୍ଧି ପାଇଲେ କେଉଁ ୱାର୍ଡକୁ ବ୍ୟବହାର କରାଯିବାଠାରୁ ନେଇ ନର୍ସିଂ ଅଫିସର ନିଯୁକ୍ତି ବାବଦରେ ଆଲୋଚନା ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ନନଟ୍ରମା କାଜୁଆଲ୍‌ଟିରେ ୧୦ ସାଧାରଣ ଶଯ୍ୟା ମହଜୁଦ ରହିବ ବୋଲି ନିଷ୍ପତ୍ତି ହୋଇଛି। ଏହାଛଡ଼ା ଆଇସିୟୁରେ ମଧ୍ୟ ୨ଟି ଶଯ୍ୟା ଅଂଶୁଘାତ ରୋଗୀଙ୍କ ଉଦ୍ଦେଶ୍ୟରେ ରଖାଯିବ। ଶିଶୁ ରୋଗ ବିଭାଗରେ ସ୍ୱତନ୍ତ୍ର ଭାବେ ଅନ୍ୟ ଦୁଇ ଶଯ୍ୟା ମଧ୍ୟ ସଂରକ୍ଷିତ ରହିବ ବୋଲି ବୈଠକରେ ସ୍ଥିର କରାଯାଇଛି।

ପାରଦ ଧୀରେ ଧୀରେ ଉପରମୁହାଁ ହେଉଛି। ଦିନରେ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ଏହି ପରିପ୍ରେକ୍ଷୀରେ ଏସ୍‌ସିବି ମେଡିକାଲରେ ଅଂଶୁଘାତ ରୋଗୀଙ୍କ ନିମନ୍ତେ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନନଟ୍ରମା କାଜୁଆଲ୍‌ଟିରେ ୧୦ଟି ଶଯ୍ୟା ମହଜୁଦ ରଖିବା ନେଇ ଆଲୋଚନା ହୋଇଛି। ଯଦି ଅଂଶୁଘାତ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଏ ତାହେଲେ ଚକ୍ଷୁ ବିଭାଗର ୪ର୍ଥ ମହଲାରେ ଥିବା ବିପର୍ଯ୍ୟୟ ପରିଚାଳନା ବିଭାଗରେ ଅଧିକ ଶଯ୍ୟା ରଖାଯିବ। ଭେଷଜ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେଶବନ୍ଧୁ ବେହେରାଙ୍କୁ ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଛି। ଅଂଶୁଘାତ ରୋଗୀଙ୍କ ଚିକିତ୍ସା ଏବଂ ଅନ୍ୟ ବ୍ୟବସ୍ଥାର ସୁପରିଚାଳନା ଦାୟିତ୍ୱରେ ହସ୍ପିଟାଲ ମ୍ୟାନେଜର ଦେବାଶିଷ ପାତ୍ର ରହିବେ। ଏହାଛଡ଼ା ବିଦ୍ୟୁତ୍ କାଟ୍ ନ ହେବା ଏବଂ ଶୀତତାପ ନିୟନ୍ତ୍ରିତ ମେଶିନ ଅଚଳ ନ ହେବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏ ଦିଗରେ ବିଶେଷ ଦୃଷ୍ଟି ଦେବାକୁ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆବଶ୍ୟକ ଔଷଧ ଏବଂ ଅନ୍ୟ ସାମଗ୍ରୀ ବହୁମାତ୍ରାରେ ଗଚ୍ଛିତ ରଖିବା ଦିଗରେ ମଧ୍ୟ ଆଲୋଚନା ହୋଇଛି। ବୈଠକରେ ପ୍ରଶାସନିକ ଅଧିକାରୀ ଡା. ସୁବାସ ରାୟ, ଭେଷଜ ବିଭାଗୀୟ ମୁଖ୍ୟ ପ୍ରଫେସର ସରୋଜ କୁମାର ତ୍ରିପାଠୀ, ଶିଶୁରୋଗ ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ୱରୂପା ପଣ୍ଡା, ଅତିରିକ୍ତ ଅଧୀକ୍ଷକ (ଷ୍ଟୋର) ଡାକ୍ତର ଅଶୋକ କୁମାର ବେହେରା, ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

# ଋଣ ଭାରରୁ ଯୁବକଙ୍କ ଆତ୍ମହତ୍ୟା

ମଙ୍ଗୁଳି-ଜଗତପୁର,୧୭।୪(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ହରିଅନ୍ତା ପଞ୍ଚାୟତ ତରତ ଗ୍ରାମର ଜଣେ ଯୁବକ ଋଣଭାର ସହ୍ୟ ନ କରି ପାରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ହେଲେ ସ୍ଥାନୀୟ ଗ୍ରାମର ସର୍ବେଶ୍ୱର ବେହେରା (୨୫)। ଏ ନେଇ ଟାଙ୍ଗୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ୧୦ଟାରେ ସମସ୍ତେ ଖାଇପିଇ ଘରେ ଶୋଇଥିଲେ। ହେଲେ ଶୁକ୍ରବାର ସକାଳେ ସର୍ବେଶ୍ୱର ଉଠିବା ବିଳମ୍ବ ହେବାରୁ ପରିବାର ଲୋକେ କବାଟ ବଡ଼ାଇ ଡାକିଥିଲେ ସୁଦ୍ଧା କୌଣସି ଉତ୍ତର ମିଳି ନ ଥିଲା। ପରିବାର ଲୋକଙ୍କ ସନ୍ଦେହ ହେବାରୁ କବାଟ ଭାଙ୍ଗି ଦେଖନ୍ତି, ଆଜବେଷ୍ଟସର ଲୁହା ଯାଙ୍ଗଲରେ ଗାମୁଛା ବାନ୍ଧି ସର୍ବେଶ୍ୱର ଝୁଲିପଡିଛନ୍ତି। ତୁରନ୍ତ ପରିବାର ଲୋକେ ଗାମୁଛା କାଟି ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ସର୍ବେଶ୍ୱରଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ଅନ୍ୟପଟେ ପରିବାର ଲୋକଙ୍କ କହିବା ଅନୁଯାୟୀ ସର୍ବେଶ୍ୱର କିଛି ଦିନ ହେବ ଏକ ଅଟୋ କିଣିଥିବା ବେଳେ କିସ୍ତି ପୈଠ କରିପାରି ନ ଥିଲେ। ଫଳରେ ଫାଇନ୍ସ କର୍ମଚାରୀମାନେ ବାରମ୍ବାର ଫୋନ କରି ଆସୁଥିଲେ। ଏହାକୁ ନେଇ ସେ ମାନସିକ ସ୍ଥିତି ହରାଇ ଏଭଳି କରିପାରନ୍ତି ବୋଲି ଅନୁମାନ କରାଯାଉଛି।

# ମହିଳା ଉଦ୍ୟୋଗୀ, ବେକାର ଯୁବତୀ ଯୁବକଙ୍କୁ ସୁଯୋଗ ଦିଆଯାଉ: ବିଧାୟିକା



ଖବରଦାତା ସମ୍ମିଳନୀରେ ବିଧାୟକ ସୋଫିଆ ଫିର୍ଦ୍ଦୋସ ସୂଚନା ଦେଉଛନ୍ତି।

## ବାରବାଟୀ ଫୁଡ୍ କୋର୍ଟ ଦୋକାନ ଆବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅଣାଯାଉ

କଟକ,୧୭।୪(ଶିକ୍ଷା ପ୍ରିୟଦର୍ଶିନୀ)

ବାରବାଟୀ ଫୁଡ୍ କୋର୍ଟରେ ଦୋକାନ ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ସମାବେଶିତା ସୁନିଶ୍ଚିତ କରିବା ସହ ମହିଳା ଉଦ୍ୟୋଗୀଙ୍କୁ ଏଥିରେ ସୁଯୋଗ ଦେବାକୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ସମାଲୋଚନା କରିବା ସହ କମିଶନର ଏଦିଗରେ ଦୃଷ୍ଟି ଦେବାକୁ ସେ ଦାବି କହିଛନ୍ତି। ସଇଦାନୀ ବଗିଚାସ୍ଥିତ ଆବାସିକ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ଆବଣ୍ଟନ ପ୍ରକ୍ରିୟା ପାଇଁ ଜାରି କରାଯାଇଥିବା ଏସ୍‌ଓପିକୁ ଚିରି ସୋଫିଆ କହିଛନ୍ତି, ଚୋର ଘର ସବୁବେଳେ ଅନ୍ଧାର ନ ଥାଏ, ବାବୁ ଭାବୁଛନ୍ତି ବନ୍ଦ କୋଠରି ଭିତରେ ଫାଇଲ ପାସ୍ କରିଦେବେ ଏବଂ କେହି ଜାଣି ପାରିବେ ନାହିଁ। ସିଏମ୍‌ସି ଦୁର୍ନୀତିରେ ଲିପ୍ତ ରହିଛି ଏବଂ ଏଠାରେ ହରିଲୁଟ ଚାଲିଛି। ମେୟର ସିଏମ୍‌ସିକୁ ନିଜର ପୈତୃକ ସମ୍ପତ୍ତି ଭାବି ନେଇଛନ୍ତି। ମେୟର କଟକବାସୀଙ୍କ ପେଟରେ ଲାତ୍ ମାରି ଆସୁଛନ୍ତି। ଏହି ଦୁର୍ନୀତିରେ ଏବେ ବାରବାଟୀ ଫୁଡ୍ କୋର୍ଟକୁ ସାମିଲ କରାଯାଇଛି। ବ୍ୟବସାୟୀଙ୍କ ସର୍ଭେ କେଉଁ ସଂସ୍ଥା କରିଛି, କେଉଁ ଅଧିକାରୀ ଥିଲେ ସେନେଇ ସ୍ପଷ୍ଟ କରାଯାଉ। ସେହିପରି ମୁଖ୍ୟତଃ ବେକାର ଯୁବତୀ ଓ ଯୁବକ ଏବଂ ମହିଳା ଉଦ୍ୟୋଗୀଙ୍କ ପାଇଁ କ'ଣ ବ୍ୟବସ୍ଥା କରାଯାଇଛି ସେନେଇ ସ୍ପଷ୍ଟ କରନ୍ତୁ ଏବଂ ସେମାନଙ୍କୁ ସୁଯୋଗ ଦିଆଯାଉ। ତେବେ କମିଶନର ଏହି ଦୁର୍ନୀତିରେ ଲିପ୍ତ ନ ହୋଇ ନିୟମକୁ ବଦଳାଇ ପୁନର୍ବାର ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ସୋଫିଆ କହିଛନ୍ତି। ଅନ୍ୟପଟେ ମେୟର ସୁବାସ ସିଂ କହିଛନ୍ତି, ସୋଫିଆ ସିଏମ୍‌ସି ବିଷୟରେ କିଛି ଜାଣିନାହାନ୍ତି। ସିଏମ୍‌ସି ପ୍ରତି ତାଙ୍କର ଦୁର୍ବଳତା ରହିଛି। ଗଣମାଧ୍ୟମ ସମ୍ମୁଖକୁ ଆସି ବକ୍ତବ୍ୟ ଦେବା ତାଙ୍କ କାମ। ସିଏମ୍‌ସି କମିଶନ ଓ ଅଧିକାରୀଙ୍କ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇବା ନିନ୍ଦନୀୟ। କୌଣସି ଦ୍ୱନ୍ଦ ଥିଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୁଅନ୍ତୁ। ସୋଫିଆ ନିଜେ କ'ଣ ତାହାକୁ ତର୍ଜମା କରନ୍ତୁ। ସେ କେବଳ ବାଉଳା ହେଉଛନ୍ତି। କଟକର ବିକାଶ କାର୍ଯ୍ୟରେ ବାଧା ନ କରନ୍ତୁ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ କର୍ପୋରେଟର ଲିଜାରାଣୀ ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ଭାନୁ ସେନାପତି, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।




ବିଭିନ୍ନ ଦାବି ନେଇ ଶୁକ୍ରବାର ବାମପନ୍ଥୀ ଦଳ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

# ୧୦ ବର୍ଷ ପରେ ଯୁବକ ଗିରଫ

## ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଘଟଣା

ମଙ୍ଗୁଳି-ଜଗତପୁର,୧୭।୪(ମାନସ ସାମଲ)

୧୦ ବର୍ଷ ପୂର୍ବେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଓ ଗର୍ଭପାତ କରିବାକୁ ବାଧ୍ୟ କରିବା ଘଟଣାରେ ଜଣେ ଯୁବକଙ୍କୁ ଜଗତପୁର ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଗୁରୁଡିଝାଟିଆ ଥାନା ବ୍ରାହ୍ମଣବସ୍ତା ଗ୍ରାମର ସପନ ମଲ୍ଲିକ ଓରଫ ସତ୍ୟ (୩୭)। ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୫୧/୧୬) ରୁଜୁ କରିଥିଲା। ସୂଚନା ମୁତାବକ, ବାଲେଶ୍ୱର ଜିଲା ରାୟବଣିଆ ଅଞ୍ଚଳର ଜଣେ ଯୁବତୀଙ୍କୁ ଗୁରୁଡିଝାଟିଆ ଥାନା ବ୍ରାହ୍ମଣବସ୍ତା ଗ୍ରାମର ସପନ ବିବାହ ପ୍ରତିଶ୍ରୁତି ଦେଇ ଭୁବନେଶ୍ୱରରେ ଏକ ଭଡ଼ା ଘରେ ରଖିଥିଲେ। ଘର ମାଲିକ ଅସନ୍ତୁଷ୍ଟ ହେବା ପରେ ସେମାନେ ଜଗତପୁରର ମହାନଦୀ ନଗରରେ ଏକ ଘର ଭଡ଼ା ନେଇ ରହିଥିଲେ। ସେଠାରେ ସତ୍ୟ ତାଙ୍କ ସହିତ ଜୋରଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଦୁଇ ମାସର ଗର୍ଭବତୀ ହେବାରୁ ସପନ ଗର୍ଭପାତ କରିବାକୁ ବାଧ୍ୟ କରିଥିଲେ। ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିବାରୁ ସପନ ଫେରାର ହୋଇଯାଇଥିଲେ। ୧୦ ବର୍ଷ ପରେ ଅର୍ଥାତ ଶୁକ୍ରବାର ସପନଙ୍କୁ ତାଙ୍କ ନିଜ ଗ୍ରାମରୁ ପୋଲିସ ଗିରଫ କରିଥିଲା।

# ବଳପୂର୍ବକ ଜମି ଅଧିଗ୍ରହଣ ବିରୋଧରେ ବାମପନ୍ଥୀଙ୍କ ପ୍ରତିବାଦ

କଟକ,୧୭।୪(କାର୍ତ୍ତିକ ସାହୁ)

ସିଜିମାଳିରେ ସରକାର ପ୍ରାୟୋଜିତ ହିଂସା ଓ ଗ୍ରାମସଭା ଆୟୋଜନରେ ଜାଲିଆତିର ଉଚ୍ଚସ୍ତରୀୟ କିମ୍ବା ନ୍ୟାୟିକ ତଦନ୍ତ କରାଯାଉ। ଏଥିସହ ସିଜିମାଳି ସମେତ ଭିଟାମାଟିର ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ଦମନ ତୁରନ୍ତ ବନ୍ଦ କରିବା, ଆନ୍ଦୋଳନକାରୀଙ୍କ ବିରୋଧରେ ଦାୟର ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର ଓ ଗିରଫ ଲୋକମାନଙ୍କୁ ଅବିଳମ୍ବେ ମୁକ୍ତ କରିବା, ସିଜିମାଳିରେ ବେଦାନ୍ତର ବକ୍ସାଇଟ ଖଣି ପ୍ରକଳ୍ପକୁ ବନ୍ଦ କରିବା, ପରିବେଶ ଓ ଲୋକଙ୍କ ଚଳନ୍ତି ଜୀବିକାର ସୁରକ୍ଷାକୁ ନିଶ୍ଚିତ କରିବା ସହ ବିକାଶ ନାଁରେ ବଳପୂର୍ବକ ଜମି ଅଧିଗ୍ରହଣ ବନ୍ଦ କରିବା, ସମ୍ବିଧାନର ପଞ୍ଚମ ଅନୁସୂଚୀ ଅଞ୍ଚଳରେ ଗ୍ରାମସଭାଗୁଡ଼ିକର ପୂର୍ବ, ସଚେତନ ଏବଂ ସ୍ପଷ୍ଟ ସମ୍ମତି ବିନା ଅନୁମୋଦିତ ସମସ୍ତ ପ୍ରକଳ୍ପକୁ ବାତିଲ ଦାବି କରିଛି ଏସୟୁସିଆଇ (କମ୍ୟୁନିଷ୍ଟ), ସିପିଆଇ (ଏମ୍‌ଏଲ୍), ସିପିଆଇ (ଏମ୍‌ଏଲ୍-ରେଡ ଫ୍ଲାଗ), ସିପିଆଇ (ଏମ୍‌ଏଲ୍- ନ୍ୟୁ ଡେମୋକ୍ରେସି) ପାର୍ଟି। ଏହି ବାମପନ୍ଥୀଙ୍କ ପକ୍ଷରୁ ମିଳିତ ଭାବରେ ସାରା ଓଡ଼ିଶାରେ ଶୁକ୍ରବାର ପ୍ରତିବାଦ ଦିବସ ଡାକରା ଅନୁଯାୟୀ କଟକ ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶାବସୁ ଦାସ, ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ଭାଗ୍ୟରବି ଦାସ, ସିଦ୍ଧାର୍ଥ ରଥ, ଦୀପକ ଦାସ, ମାଳବିକା ସାମଲ, ବସନ୍ତ ନାୟକ, ସୌଭାଗ୍ୟ ସାମଲ, ବିନୋଦ ସେଠୀ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

# ପ୍ରଭାବଶାଳୀ ନେତା ଥିଲେ ବିଜୁବାବୁ

କଟକ,୧୭।୪(ଶିକ୍ଷା ପ୍ରିୟଦର୍ଶିନୀ)



ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଡ଼ଗଡ଼ିଆଘାଟ ମହାନଦୀଠାରେ ବାରବାଟୀ କଟକ ବିଜେଡି ପକ୍ଷରୁ ଅନୁଷ୍ଠିତ ତିଳତର୍ପଣ।

କଟକରେ ବିଜେଡି ପକ୍ଷରୁ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବାରବାଟୀ-କଟକ ବିଜେଡି ପକ୍ଷରୁ ମେୟର ସୁବାସ ସିଂ ଓ ବିଜେଡି କଟକ ଜିଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ ମହାନଦୀର ଗଡଗଡ଼ିଆ ଘାଟରେ ତିଳତର୍ପଣ କରାଯିବା ସହ ଆନନ୍ଦ ଭବନ ଓ ଅନ୍ୟାନ୍ୟ ସ୍ଥାନରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଘାଟକୂଳରେ ଏକ ସଭା କରାଯାଇଥିଲା। ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ ଓଡିଶା ତଥା ଭାରତ ଏବଂ ଇଣ୍ଡୋନେସିଆ ପ୍ରତି ଥିବା ମହାନ ଅବଦାନ ବିଷୟରେ ନେତୃବୃନ୍ଦ ଆଲୋଚାନା କରିଥିଲେ। ଏହାସହ ଜଣେ ପ୍ରଭାବଶାଳୀ ନେତା ଥିଲେ ବିଜୁ ବାବୁ ବୋଲି ମତପ୍ରକାଶ ପାଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, ଅନିତା ବେହେରା, ମଧୁସୂଦନ ସାହୁ, ମହମଦ ସାକିଲ, ରମଜାନ ଖାନଙ୍କ ସମେତ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସେହିପରି ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ଯୁବ ଓ ଛାତ୍ର କାର୍ଯ୍ୟକର୍ତ୍ତା ଆନନ୍ଦଭବନରେ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆନନ୍ଦ ଭବନରେ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ଛାତ୍ର ବିଜେଡି ପୂର୍ବତନ ସଭାପତି ତଥା ଏବେର ପରିଷଦର ସଦସ୍ୟ ସଭାପତି ଆସିଫ୍ ଆମିନ୍, ସନ୍ତୋଷ ମହାପାତ୍ର, ସଞ୍ଜୟ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମୀ ଉପସ୍ଥିତ ଥିଲେ। ଜିଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ତତ୍ତ୍ୱାବଧାନରେ ପ୍ରମିଳା ପଣ୍ଡପରେ ବିଜୁବାବୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚୌଦ୍ୱାର-କଟକ ଦାୟିତ୍ୱରେ ଥିବା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନା, ଦେବୀ ମିଶ୍ର, ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝୀ, ତାପସ ମହାନ୍ତି, କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ, ପ୍ରଦୀପ ସାହୁ, ଝିଲି ବିହାରୀ, ପ୍ରଳୟା ବେଉରା, ପ୍ରମିଳା ମହାନ୍ତି, ତାପସ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**ମାହାଙ୍ଗା,(ଅଜୟ କୁମାର ମହାନ୍ତି):** ଓଡ଼ିଶା କିମ୍ବା ଭାରତର ନୁହନ୍ତି, ବିଜୁ ବାବୁ ଥିଲେ ସାରା ପୃଥିବୀରେ ଖାଣ୍ଟି ଓଡ଼ିଆ ଭାବେ ପରିଚିତ ଥିଲେ। ସେ ଥିଲେ 'ନବ କଳିଙ୍ଗର ଖାରବେଳ' ବୋଲି ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ମାହାଙ୍ଗା ବ୍ଲକ ଅଳିଯୋଡ଼ାସ୍ଥିତ ବାସଭବନରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି ସମ୍ପାଦକ ବିଜୟ କୁମାର ନାୟକ, ବ୍ଲକ ଅଧ୍ୟକ୍ଷ ଦୀପା ମଲ୍ଲିକ, ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ମାହାଙ୍ଗା ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା ଏଥିରେ ପୌରୋହିତ୍ୟ କରିଥିଲେ।

**ଟିଗିରିଆ,(ଜାଫର ଖାଁ):** ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଏଥିରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଟିଗିରିଆ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଗାନ୍ଧୀ ପଡିଆଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ବ୍ଲକ ସଭାପତି ଅଜିତ୍ ଧୀର, ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥି ନନ୍ଦ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ପ୍ରମୁଖ ଯୋଗଦେଇଥିଲେ।

**ବଡ଼ମ୍ବା,(ମାୟାଧର ମଲ୍ଲିକ):** ବଡ଼ମ୍ବା ସୁନାପାଳିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବଡ଼ମ୍ବା ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ସରୋଜ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ସ୍ୱାଇଁ, ପ୍ୟାରୀ ସ୍ୱାଇଁ, ଓକିଲ ସଂଘ ନବ ନିର୍ବାଚିତ ସମ୍ପାଦକ ପ୍ରଭାତ କୁମାର ନାୟକ, ଉପ ସଭାପତି ପ୍ରମୋଦ କୁମାର ପୁହାଣ ପ୍ରମୁଖ ଯୋଗଦେଇଥିଲେ।

**ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ବିଜୁ ପରିବାର ବ୍ୟାନରରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ତାଙ୍କ ବାସଭବନରେ ବିଜୁବାବୁଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ସଭାକୁ ଉପନଗରପାଳ ସନ୍ତୋଷ କୁମାର ରଣା ପରିଚାଳନା କରିଥିବାବେଳେ ନଗରପାଳ ମାଣିକ ସାହୁ, ଡମପଡା ବ୍ଲକ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ଡମପଡା ବ୍ଲକ ଅଧ୍ୟକ୍ଷ ପ୍ରଣବ ପଟେଲ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ଭାଗିରଥି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସନ୍ଧ୍ୟାରେ ବାଙ୍କୀ ବିଜେଡି ପକ୍ଷରୁ କଚେରୀପଡ଼ିଆରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ, ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ କୁମାର ସାହୁ , ସରପଞ୍ଚ ସୁରଞ୍ଜନ ପଣ୍ଡା , ବରିଷ୍ଠ ବିଜେଡି ଯୁବନେତା ଅଜୟ କୁମାର ରାଉତ, ଜିଲା ବିଜେଡି ଉପସଭାପତି ସୌମେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ବିଜେଡି କର୍ମୀ ସାମିଲ ହୋଇଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ ଅଥଙ୍ଗା କାଠଯୋଡିନଦୀକୂଳରେ ବିଜୁପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ କରାଯାଇଛି। ଏଥିରେ କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ର ସାରଥି ବେହେରା ଯୋଗଦେଇଥିଲେ। କଟକ ସଦର ବିଜେଡି ସଭାପତି ବିଭୂତି ଭୂଷଣ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବ୍ଲକ ସଭାପତି ପ୍ରମୋଦ ମହାପାତ୍ର, ଅଜୟ ଦଳେଇ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ବୀରବର ଲେଙ୍କା, ବିଭୂତି ଭୂଷଣ ପରିଡ଼ା, ହିମାଂଶୁ ଦାସ, ଭିକାରୀ ଚରଣ ବେହେରା, ପ୍ରମୋଦ ରାଉତ, ଶରତ କୁମାର ରାୟ, ରାଜ କୁମାରୀ ସ୍ୱାଇଁ, ଆଦିକନ୍ଦ ରାଉତ, ସେଖ ବାବୁଲା ପ୍ରମୁଖ ଯୋଗଦେଇଥିଲେ।

**ଚୌଦ୍ୱାର,(ଆଶୁତୋଷଦାସ):** ଚୌଦ୍ୱାରରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପରିଚାଳନାରେ ଆୟୋଜିତ ବିଜୁବାବୁଙ୍କ ଶ୍ରାଦ୍ଧଦିବସ କାର୍ଯ୍ୟକ୍ରମରେ ବହୁ ବିଜୁପ୍ରେମୀ ଯୋଗଦେଇ ଓଟିଏମ ବଜାରସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିରୂପା ନାଦୀରେ ତିଳତର୍ପଣ କରାଯାଇଥିଲା। ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ସ୍ଥାନୀୟ ଶିଶୁ ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପ୍ରେମଚାନ୍ଦ ନାୟକ, ବିମଳ କୁମାର ବେଉରା, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ପୌର ପାରିଷଦବୃନ୍ଦ, ରୀତା ରାଉତ, ଶରତ ନାୟକ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନାଗରିକ ଓ ଯୁବବର୍ଗ ଯୋଗଦେଇଥିଲେ। ଅନୁରୂପ ଭାବେ ସ୍ଥାନୀୟ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ଗାୟତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ସମାଜସେବୀ ପ୍ରଭାସ କୁମାର ଚୌଧୁରୀ ଅତିଥି ଭାବେ ଯୋଗଦେଇଥିଲେ। ଅନୁରାଧା ଭଞ୍ଜ, ସାଗରିକା ସିଂ, ଲକ୍ଷ୍ମୀ ନାଟିଆ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପିଙ୍କି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପଦଗ୍ରସ୍ତ ଐତିହ୍ୟ

## ବିଶ୍ୱ ଐତିହ୍ୟ ଦିବସ



ବିଶ୍ୱବ୍ୟାପୀ ସାଂସ୍କୃତିକ, ପ୍ରାକୃତିକ ଐତିହ୍ୟ ସ୍ଥଳଗୁଡ଼ିକର ବିବିଧତା, ଦୁର୍ବଳତା ଏବଂ ସଂରକ୍ଷଣ ବିଷୟରେ ସଚେତନତା ବୃଦ୍ଧି ନେଇ ପ୍ରତିବର୍ଷ ଏପ୍ରିଲ ୧୮ରେ ପାଳିତ ହୋଇଆସୁଛି ବିଶ୍ୱ ଐତିହ୍ୟ ଦିବସ। ଏହି ଦିବସ ପାଳନ ଲାଗି ୧୯୮୨ ମସିହାରେ ସ୍ମାରକୀ ଓ ସ୍ଥଳ ସମ୍ପର୍କିତ ଅନ୍ତର୍ଜାତୀୟ ପରିଷଦ(ଆଇସିଓଏମ୍‌ଓଏସ୍)ଦ୍ୱାରା ପ୍ରସ୍ତାବ ଦିଆଯାଇଥିଲା ଏବଂ ୧୯୮୩ ମସିହାରେ ୟୁନେସ୍କୋ ଦ୍ୱାରା ଏହାକୁ ଅନୁମୋଦନ ମିଳିଥିଲା। ତେବେ ବିଶ୍ୱ ଐତିହ୍ୟ ଦିବସ ଆମକୁ ସ୍ମରଣ କରାଏ ଯେ ଐତିହ୍ୟ କେବଳ ପୁରୁଣା ସ୍ମାରକ ନୁହେଁ, ଏହା ଆମର ପରିଚୟ, ସଂସ୍କୃତି ଓ ଆତ୍ମାର ଅଂଶ। ଚଳିତ ବର୍ଷ ଏହି ଦିବସ ଲାଗି ପ୍ରସଙ୍ଗ ରହିଛି 'ପ୍ରାକୃତିକ ବିପର୍ଯ୍ୟୟ ଓ ସଂଘର୍ଷରେ ବିପଦଗ୍ରସ୍ତ ଐତିହ୍ୟ'।

### ଐତିହ୍ୟର ଉପଯୁକ୍ତ ସଂରକ୍ଷଣ ପାଇଁ ଶପଥ ନେବା



ଗୋଟିଏ ଦେଶ ବା ଜାତିର ଗରିମାମୟ ଐତିହ୍ୟ ସମୂହ ସେ ଦେଶର ଅମୂଲ୍ୟ ସମ୍ପଦ ଓ ଅସ୍ମିତାର ପରିଚାୟକ। କିନ୍ତୁ ଏବେ ଏଠାରେ ଅନେକ ଐତିହ୍ୟ ସ୍ମାରକୀ ବିପଦ କବଳିତ। କୋଣାର୍କରେ ଶ୍ରାବଣ ମାସରେ ଆଣ୍ଠୁଏ ପାଣି ତ, କେଉଁ ମନ୍ଦିର ଗର୍ଭ ଗୃହରେ ବର୍ଷା ପାଣିର ଧାରାରେ ପ୍ରତିମା/ଶିବଲିଙ୍ଗ ଜଳମଗ୍ନ। କେଉଁଠି ଶିଳାଲିପି ଲିଭିଗଲାଣି ତ କେଉଁଠି ବଜ୍ରପାତରେ ଦଧିନଉତି ଭୂପତିତ। ହଜାର ହଜାର ପୋଥି ଏବେ କୀଟଦ୍ରଷ୍ଟ, ଅବହେଳିତ ଓ ଅସଂରକ୍ଷିତ। ଦେଖାଯାଉଛି ପ୍ରାଚୀନ ଭଗ୍ନ ମନ୍ଦିର ପୁନରୁଦ୍ଧାର ପରିବର୍ତ୍ତେ ସମ୍ପୂର୍ଣ୍ଣ ଭାଙ୍ଗିଦିଆଯାଉଛି, ଅନେକ ମଠ ବି ନିଶ୍ଚିହ୍ନ ହୋଇଗଲାଣି। ଶିଶୁପାଳ ଦୁର୍ଗର ପରିସୀମା ଜବରଦଖଲ ଯୋଗୁ ଏବେ ମାତ୍ର ଏକ ଏକର ପରିସୀମାକୁ ଖସିଆସିଛି । ଆସନ୍ତୁ, ଶପଥ ନେବା– ଆମ ଐତିହ୍ୟର ଉପଯୁକ୍ତ ରକ୍ଷା, ସଂରକ୍ଷଣ, ପ୍ରଲେଖନ ଓ ପ୍ରଦର୍ଶନ ଲାଗି ପଦକ୍ଷେପ ଗ୍ରହଣ କରିବା।

–ସୁଦର୍ଶନ ସାହୁ, ଐତିହ୍ୟ ଗବେଷକ ତଥା ସଂଗ୍ରାହକ,ଯାଗମରା,ଭୁବନେଶ୍ୱର

### ଯୁବପିଢ଼ିଙ୍କୁ ଯୋଡ଼ିବା ଜରୁରୀ

ଓଡ଼ିଶା ଭଳି ରାଜ୍ୟରେ ଅନେକ ପ୍ରାଚୀନ ମନ୍ଦିର, ପରମ୍ପରା ଓ ଜୀବନ୍ତ ସଂସ୍କୃତି ରହିଥିବାବେଳେ ଏହାର ସୁରକ୍ଷା ଆବଶ୍ୟକ। ଐତିହ୍ୟ ସ୍ଥଳଗୁଡ଼ିକ ପାଇଁ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବା ଜରୁରୀ। ପ୍ରତ୍ୟେକ ଐତିହ୍ୟ ସ୍ଥଳର ନିୟମିତ ରକ୍ଷଣାବେକ୍ଷଣ, ଅବୈଧ ନିର୍ମାଣ ଓ ଅତିକ୍ରମଣ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା, ସ୍ଥାନୀୟ ଲୋକଙ୍କୁ ଯୋଡ଼ିବା, ଡିଜିଟାଲ ଆର୍କାଇଭ ଓ ରିସର୍ଚ୍ଚ ପାଇଁ ଅଧିକ ନିବେଶ କରିବା, ଐତିହ୍ୟ ସ୍ଥଳ ଚାରିପାଖରେ ସୁରକ୍ଷା ବ୍ୟବସ୍ଥା କରିବା ଆଦି ଉପରେ ଗୁରୁତ୍ୱାରୋପ ଆବଶ୍ୟକ। ସେହିପରି ଡିଜିଟାଲ ରେକର୍ଡ ସହ ଲୋକକଥା, ପରମ୍ପରା, ଆଚାରବିଚାର ଲିଖିତ ରୂପେ ସଂଗ୍ରହ, ଯୁବପିଢ଼ିଙ୍କୁ ଏଥିରେ ଯୋଡ଼ିବା ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି।



–ସୁବାସ ରଥ, ଐତିହ୍ୟ ଗବେଷକ, ଇନ୍‌ଟାକ୍

### ପାଠ୍ୟ ପୁସ୍ତକରେ ଆଞ୍ଚଳିକ ଐତିହ୍ୟକୁ ଗୁରୁତ୍ୱ ଦିଆଯାଉ

ଶିଳ୍ପ, ସ୍ଥାପତ୍ୟ ଓ କୀର୍ତ୍ତିରାଜି ବିଭବମଣ୍ଡିତ ଓଡ଼ିଶା ଭାରତବର୍ଷରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଡିଜିଟାଲ ଯୁଗରେ ଏହାର ମହିମା ପ୍ରଚାରପ୍ରସାର ସହ ସୁରକ୍ଷାର ମଧ୍ୟ ଆବଶ୍ୟକତା ରହିଛି। କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟବହାରକରି କିପରି ବୈଜ୍ଞାନିକ ପଦ୍ଧତିରେ ଐତିହ୍ୟରାଜିର ଗଣନା, ସୁରକ୍ଷା ଓ ସଂରକ୍ଷଣ ହୋଇପାରିବ ସେ ଦିଗରେ ପଦକ୍ଷେପ ଆବଶ୍ୟକ। ଏହାସହ ପାଠ୍ୟପୁସ୍ତକରେ ଆଞ୍ଚଳିକ ଐତିହ୍ୟକୁ ଅଧିକ ଗୁରୁତ୍ୱ ଦେବା ଜରୁରୀ।



–ବିଷ୍ଣୁ ମୋହନ ଅଧିକାରୀ, ଅଭିଲେଖ ଗବେଷକ

ରିପୋର୍ଟ: ସୌମ୍ୟରଞ୍ଜନ ରାଉତ

# ମନ୍ତ୍ରମୁଗ୍ଧ କଲା 'ଶ୍ରୀଜଗନ୍ନାଥ ଅଷ୍ଟକମ୍'



ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ର 'ଶ୍ରୀଜଗନ୍ନାଥ ଅଷ୍ଟକମ୍' ପରିବେଷଣ କରୁଛନ୍ତି।

**ଭୁବନେଶ୍ୱର,୧୭।୪ (ସୌମ୍ୟରଞ୍ଜନ ରାଉତ)**

## ୪୯ତମ 'ବୈଶାଖୀ' ମହୋତ୍ସବର ତୃତୀୟ ସନ୍ଧ୍ୟା

## ରବୀନ୍ଦ୍ର ମଣ୍ଡପରେ ରଥଯାତ୍ରାର ଅନୁଭୂତି

ଓଡ଼ିଆ ନବବର୍ଷ ପାଳନ ଅବସରରେ 'ଚିନ୍ତା ଓ ଚେତନା' ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୯ତମ 'ବୈଶାଖୀ' ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ପହଣ୍ଡି ବିଜେରୁ ଆରମ୍ଭ ହୋଇଥିଲା ମହାପ୍ରଭୁଙ୍କ ଏହି ନିଆରା ମହୋତ୍ସବ। ହୁଳହୁଳି ସାଙ୍ଗକୁ ଘଣ୍ଟଘଣ୍ଟା, ଖୋଳ, ମର୍ଦ୍ଦଳର ତାଳେତାଳେ ପହଣ୍ଡି ବିଜେ କରି ମହାପ୍ରଭୁ ଜଗନ୍ନାଥ ପ୍ରେକ୍ଷାଳୟ ମଧ୍ୟକୁ ବିଜେ କରୁଥିବାବେଳେ ଠାକୁରଙ୍କ ଆଗରେ ଗୋଟିପୁଅ, ସମ୍ବଲପୁରୀ, ଓଡ଼ିଶୀ ଓ ମାହାରୀ ନୃତ୍ୟ ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଅନୁଭୂତି ଦେଇଥିଲା। ମଣ୍ଡପରେ ଶ୍ରୀଜଗନ୍ନାଥଙ୍କ ସନ୍ଧ୍ୟା ଆଳତି ପରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଓଡ଼ିଶୀ ନୃତ୍ୟରେ 'ଶ୍ରୀ ଜଗନ୍ନାଥ ଅଷ୍ଟକମ୍' ପରିବେଷଣ କରି ଠାକୁରଙ୍କୁ ଆବାହନ କରିଥିଲେ, ଯାହା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମହୋତ୍ସବରେ ଅତିଥି ଭାବେ ପୂର୍ବତନ ବିଧାୟକ ଅରବିନ୍ଦ ଢାଲି, ଭୁବନେଶ୍ୱର ବୁଦ୍ଧ ମନ୍ଦିର ସଭାପତି ସୌରେନ୍ଦ୍ର ମହାପାତ୍ର, ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଉପସଭାପତି କାଳୀ ମିଶ୍ର, ରେଣୁକା ସେଠୀ, ସୂର୍ଯ୍ୟନାରାୟଣ ମିଶ୍ର, ସଂଘମିତ୍ରା ପରିଡ଼ା, ଅନୁଷ୍ଠାନର କର୍ମକର୍ତ୍ତା ବିଜୟା ମିଶ୍ର, ବିଭୂତି ପଟ୍ଟନାୟକ ଏବଂ ସଭାପତି ସହଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଉନ୍ମାଦନା ସହ ଶକ୍ତି ପରିବେଷଣ କରିଥିଲେ। ଲିଙ୍ଗରାଜ ପ୍ରଧାନ ଓ ପଙ୍କଜ ପ୍ରଧାନ ଏହାକୁ ନୃତ୍ୟରେ ସଜେଇଥିଲେ। ପରେ ନୃତ୍ୟଜ୍ୟୋତି ଡ୍ୟାନ୍ସ ଏକାଡେମୀ କଟକର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟରେ ମାଇଲା ଝଡ଼ ଓ ଡାଲଖାଇ ପରିବେଷଣ କରିଥିଲେ, ଯାହାର ନୃତ୍ୟ ସଂଯୋଜନା ଗୁରୁ ଜ୍ୟୋତି ରଞ୍ଜନ ଦାସ କରିଥିଲେ। ଏଥିସହ ଗୋଟିପୁଅ, ମାହାରୀ ନୃତ୍ୟ ଭାବଗମ୍ଭୀର ପରିବେଶ ସୃଷ୍ଟି କରିଥିଲା। ସୂୟା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ସହଦେବ ସାହୁ ଧନ୍ୟବାଦ ଦେଇଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି ମହୋତ୍ସବର ମିଡିଆ ପାର୍ଟନର ରହିଛି।

# ହାତୀ ଆକ୍ରମଣରେ ଯୁବକ ମୃତ, ରାସ୍ତାରୋକୋ

**ନିରାକାରପୁର/ଟାଙ୍ଗୀ/ବେଗୁନିଆ,୧୭।୪, (ମାନସ ଚନ୍ଦ୍ର ପଟ୍ଟନାୟକ/ରଘୁନାଥ ସାହୁ/ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)**

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳରେ ଗୁରୁବାର ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ହଜ୍ ପଞ୍ଚାୟତ ନିଧିପୁର ଗ୍ରାମର ସୁଶାନ୍ତ ପ୍ରଧାନ(୩୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ବିଭିନ୍ନ ଦାବିରେ ଶୁକ୍ରବାର ଶରଣକୂଳରୁ–ପୁରୀ ଯାଇଥିବା ନୂଆଜଗନ୍ନାଥ ସଡ଼କର ହଜ୍ ଛକ ନିକଟରେ ରାସ୍ତାରୋକୋ କରାଯାଇଥିଲା। ରାତିପ୍ରାୟ ୧୦ଟାରେ ସୁଶାନ୍ତ କୌଣସି କାମ ସାରି ସାଇକେଲରେ ଘରକୁ ଫେରୁଥିଲେ। ହଜ–ନିଧିପୁର ରାସ୍ତାର କଲରାଝର ଗ୍ରାମ ଶେଷମୁଣ୍ଡରେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରି ଦଳି ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହାତୀଟି ତାଙ୍କ ସାଇକେଲକୁ ମଧ୍ୟ ଭାଙ୍ଗି ଦେଇଥିଲା। ଏପଟେ ସୁଶାନ୍ତ ଘରେ ପହଞ୍ଚିବା ବିଳମ୍ବ ହେବାରୁ ରାତିରେ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ତେବେ ହାତୀ ଆକ୍ରମଣରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିବା ନେଇ ଶୁକ୍ରବାର ସକାଳେ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହିତ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ କ୍ଷତିପୂରଣ ସହ ବିଭିନ୍ନ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ସିକୋ ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରେଞ୍ଜୀ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ, ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା, ଭୂଷଣ୍ଡପୁର ଫରେଷ୍ଟର ଦୁଃଶାସନ ନାୟକ, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୩୦ହଜାର ପ୍ରଦାନ କରାଯାଇଛି। ବନ ବିଭାଗ ପକ୍ଷରୁ ୧୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯିବ। ଏନେଇ ଜଙ୍କିଆ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୬) ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ କୁମାର ବେହେରା କହିଛନ୍ତି।



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

# ୬୮ ପୋଲିସ ଅଧିକାରୀ, ଓକିଲଙ୍କୁ ସମ୍ବର୍ଦ୍ଧିତ କଲେ ଡିଜିପି



ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଜଣେ ପୋଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**କଟକ,୧୭।୪(କାର୍ତ୍ତିକ ସାହୁ)**

## ନୂତନ ନ୍ୟାୟ ସଂହିତା ଆଇନରେ ଅପରାଧ ଅନୁସନ୍ଧାନର ସଫଳତା

୨୦୨୪ ଜୁଲାଇ ୧ରୁ ଲାଗୁ ହୋଇଥିବା ନୂତନ ନ୍ୟାୟ ସଂହିତା ଆଇନ ପରେ ଅପରାଧ ଅନୁସନ୍ଧାନରେ ଢେର ସଫଳତା ମିଳିଛି। ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ପୋଲିସ ଅଧିକାରୀଙ୍କ ଅନୁସନ୍ଧାନ ଏବଂ ଓକିଲମାନଙ୍କ ଉଦ୍ୟମ ଫଳରେ କମ୍ ସମୟ ମଧ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ନ୍ୟାୟ ମିଳିଛି। ନୂତନ ଆଇନର ସଫଳ ରୂପାୟନ ଓ ପ୍ରୟୋଗ ଆଧାରରେ ଓଡ଼ିଶା ପୋଲିସ ରାଜ୍ୟରେ ଦଣ୍ଡବିଧାନ ହାରରେ ଅଭୂତପୂର୍ବ ସଫଳତା ଆଣି ପାରିଛି ବୋଲି ଡିଜିପି ଯୋଗେଶ ବାହାଦୁର ଖୁରାନିଆ ମତବ୍ୟକ୍ତ କରିଛନ୍ତି।

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରସ୍ଥ ଆର୍.କେ.ପାଢ଼ୀ ମେମୋରିଆଲ ହଲ୍‌ଠାରେ ଶୁକ୍ରବାର ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଡିଜିପି ଖୁରାନିଆ ଯୋଗଦେଇ ମୋଟ ୬୮ଜଣ ପୋଲିସ ଅଧିକାରୀ ଓ ସରକାରୀ ଓକିଲଙ୍କୁ ସମ୍ମାନିତ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୦ଜଣ ଏସ୍‌ପି, ୧୫ଜଣ ତଦାରଖ ଅଧିକାରୀ, ୨୬ଜଣ ତଦନ୍ତକାରୀ ପୋଲିସ ଅଧିକାରୀ ଓ ୧୭ଜଣ ସରକାରୀ ଓକିଲ ଅଛନ୍ତି। ଏହି ଅବସରରେ ଡିଜିପି ଖୁରାନିଆ ଉତ୍ତମ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀମାନଙ୍କୁ ନଗଦ ୫୦୦୦ ଟଙ୍କା ଅର୍ଥରାଶି ସହିତ ପ୍ରଶଂସାପତ୍ର ଏବଂ ଏସ୍‌ପି, ତଦାରଖକାରୀ ଅଧିକାରୀ ଓ ସରକାରୀ ଓକିଲଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ ବ୍ରାଞ୍ଚ) ବିନୟତୋଷ ମିଶ୍ର, ଆରକ୍ଷୀ ମହାନିରୀକ୍ଷକ ଡ. ସାର୍ଥକ ଷଡ଼ଙ୍ଗୀ, ଦଣ୍ଡବିଧି ତଦନ୍ତ ବିଭାଗ, ଅପରାଧ ଶାଖାଙ୍କ ସମେତ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁଲାଇ ୧ରୁ ୨୦୨୫ ଡିସେମ୍ବର ୩୧ ମଧ୍ୟରେ ନୂତନ ଆଇନ ବଳରେ ଅଭିଯୁକ୍ତଙ୍କୁ ୭ବର୍ଷରୁ ଅଧିକ କାରାଦଣ୍ଡ ମିଳିଥିବା ୨୭ଟି ସମ୍ବେଦନଶୀଳ ମାମଲାରେ ତଦନ୍ତକାରୀ ଦଳକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି। ତନ୍ମଧ୍ୟରେ ୨୧ଟି ପୋକ୍‌ସୋ ଆଇନ, ୩ଟି ହତ୍ୟା ଉଦ୍ୟମ, ଗୋଟିଏ ବଳାତ୍କାର ଓ ୨ଟି ଗଣବଳାତ୍କାର ମାମଲା ରହିଛି। ଏହି ମାମଲାଗୁଡ଼ିକର ତଦନ୍ତ ସମୟରେ ବୈଜ୍ଞାନିକ ପଦ୍ଧତି, ଡିଏନ୍‌ଏ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ଇ–ସାକ୍ଷ୍ୟ ପଦ୍ଧତି ଆଦି ବ୍ୟବହାର କରାଯାଇଛି। ତଦନ୍ତ ଶେଷରେ ବିଚାର ପ୍ରକ୍ରିୟାକୁ ମଧ୍ୟ ଅତି କୁଶଳତାର ସହିତ ତଦାରଖ କରାଯାଇଛି। ନୂତନ ଆଇନ ପୋଲିସର ବୃତ୍ତିଗତ ଦକ୍ଷତା, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ସାକ୍ଷ୍ୟ ପ୍ରମାଣ ସଂଗ୍ରହ ଶୈଳୀରେ ବ୍ୟାପକ ସୁଧାର ଆଣିଛି ବୋଲି ଡିଜିପି କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅମ୍ବିକା



@ ଅନିମେଷ



@ ଅଶ୍ୱିନୀ



@ ପ୍ରଭାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ସିବିରେ ଆତଙ୍କବାଦୀ ଅବଦୁର ରହେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**କଟକ,୧୭।୪ (କାର୍ତ୍ତିକ ସାହୁ)**

ଆତଙ୍କବାଦୀ କାର୍ଯ୍ୟକଳାପ ଅଭିଯୋଗରେ ଜେଲରେ ବନ୍ଦୀ ଥିବା ଅବଦୁର ରହେମାନଙ୍କୁ ଏସ୍‌ସିବି ମେଡିକାଲରେ ଶୁକ୍ରବାର ଦେଖିବାକୁ ମିଳିଥିଲା। ପୋଲିସ କଡ଼ାସୁରକ୍ଷା ମଧ୍ୟରେ ତାଙ୍କୁ ମେଡିକାଲ ନିଆଯାଇଥିଲା। ସେଠାରେ ରହେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ପୁଣି ପୋଲିସ ଭ୍ୟାନରେ ତାଙ୍କୁ ମେଡିକାଲରୁ ବାହାରକୁ ନିଆଯାଇଥିଲା। ସେ ଏବେ ତିହାର ଜେଲରେ ବନ୍ଦୀ ଜୀବନ ବିତାଉଥିବାବେଳେ ସାଲେପୁର କୋର୍ଟରେ ତାଙ୍କ ବିରୋଧରେ ଚାଲିଥିବା ମାମଲାର ଶୁଣାଣିରେ ତାଙ୍କୁ ହାଜର କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କୋର୍ଟରେ ହାଜର ପରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସୂଚନାଯୋଗ୍ୟ, ଆତଙ୍କବାଦୀ ଲିଙ୍କ୍ ଅଭିଯୋଗରେ ସେ ୨୦୧୫ରେ ଗିରଫ ହୋଇଥିଲେ।

# ରୋଗୀଙ୍କ ଖାଦ୍ୟରୁ ବାହାରିଲା ବେଙ୍ଗ

## ଭିଡିଓ ଭାଇରାଲ ପରେ ଚର୍ଚ୍ଚା ବଢ଼ିଲା

**କଟକ,୧୭।୪(ଶିଲ୍ପା ପ୍ରିୟଦର୍ଶିନୀ)**



ଡାକ୍ତରଖାନାରେ ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟରୁ ବେଙ୍ଗ ବାହାରିବା ଘଟଣା ଏବେ ସାମ୍ନାକୁ ଆସିଛି। ତେବେ ଏହି ଖାଦ୍ୟ ଏସ୍‌ସିବି ମେଡିକାଲ ପରିସରରେ ଥିବା ଏକ କ୍ୟାଣ୍ଟିନର ବୋଲି କୁହାଯାଉଛି। ମେଡିକାଲରେ ଜଣେ ରୋଗୀଙ୍କ ଖାଦ୍ୟରେ ଥିବା ଆଚାରରୁ ବେଙ୍ଗ ବାହାରିଥିବାବେଳେ ଏହାର ଫଟୋ, ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବା ପରେ ଚର୍ଚ୍ଚା ବଢ଼ିଛି। ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏନେଇ କୌଣସି ଅଭିଯୋଗ କରାଯାଇ ନ ଥିବାବେଳେ ମେଡିକାଲ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ସୂଚନା ଅନୁଯାୟୀ, ଏସ୍‌ସିବିରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ନିମନ୍ତେ ସକାଳ, ମଧ୍ୟାହ୍ନ ଓ ରାତିର ଖାଦ୍ୟ ମେଡିକାଲ ପକ୍ଷରୁ ଯୋଗାଇ ଦିଆଯାଇଥାଏ। ଏକ ଘରୋଇ ସଂସ୍ଥା ତିନି ପର୍ଯ୍ୟାୟରେ ପ୍ରାୟ ୧୨୦୦ ରୋଗୀଙ୍କ ନିମନ୍ତେ ଖାଦ୍ୟ ପ୍ରସ୍ତୁତ କରିଥାଏ। ଏହାକୁ ବାଦ୍ ଦେଲେ ମେଡିକାଲ ପରିସରରେ ଗୋଟିଏ ଆହାର କେନ୍ଦ୍ର ସମେତ ଦୁଇଟି କ୍ୟାଣ୍ଟିନ ରହିଛି, ଯେଉଁଠାରେ ରୋଗୀ ଓ ସମ୍ପର୍କୀୟ, ଡାକ୍ତର ଏବଂ କର୍ମଚାରୀ ମଧ୍ୟ ଖାଦ୍ୟ ଖାଇଥାନ୍ତି।

